ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.24 . No.294 Bhubaneswar Friday, January 14, 2022 | ୨୪ତମ ବର୍ଷ ସଂଖ୍ୟା-୨୯୪ ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୧୪, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ଓଲଟି ପଡିଲା ବିକାନେର ଏକ୍ସପ୍ରେସ, ୫ ମୃତ



କୋଲକାତା, ୧୩।୧(ପି.ଏନ): ପଶ୍ଚିମବଙ୍ଗର ଦୋମୋହାଣି ଠାରେ ବଡ ଅଘଟଣ ଘଟିଛି। ଏଠାରେ ଗୌହାଟୀ-ବିକାନେର ଏକ୍ସପ୍ରେଟ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଦୁର୍ଘଟଣା ଯୋଗୁ ୪ରୁ ୫ଟି ବଗି ଓଲଟି ପଡିଥିବା ବେଳେ ୧୦ରୁ ଅଧିକ ବଗି ଲାଇନଚ୍ୟୁତ ହୋଇଯାଇଥିବା ପ୍ରାଥମିକ ଭାବେ ଖବର ଆସିଛି। ଏହି ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ୨୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଏବେ ବି ଅନେକ ଲୋକ ଓଲଟି ପଡିଥିବା ବଗି ମଧ୍ୟରେ ରହିଛନ୍ତି। ଟ୍ରେନରେ ମୋଟ ୧୨ଶହ ଯାତ୍ରୀ ଥିଲେ।ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବ୍ୟକ୍ତିଗତ ଭାବେ ଘଟଣାର ମନିଟିଂ କରୁଛନ୍ତି। ଆସନ୍ତାକାଲି ସେ ଦୁର୍ଘଟଣାସ୍ଥଳକୁ ଯିବେ। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଧ୍ୟ ସେ ଘଟଣା ସମ୍ପର୍କରେ ଅବଗତ କରାଇଛନ୍ତି। ମୋଦି ଖବର ପାଇବା ପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ଫୋନ ଯୋଗେ କଥା ହୋଇଛନ୍ତି।ଖବର ପାଇ ଉଦ୍ଧାରକାରୀ ଦଳ ସହ ଅଗ୍ନିଶମ ଓ ରେଳ ବିଭାଗର କର୍ମଚାରୀମାନେ ପହଞ୍ଚିଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ଉଦ୍ଧାର କାର୍ଯ୍ୟରେ ସ୍ଥାନୀୟ ଲୋକ ଓ ପୁଲିସ୍ ? ମଧ୍ୟ ସାମିଲ ହୋଇଛନ୍ତି। ଏହି ଟ୍ରେନଟି ବିକାନେରରୁ ଗୌହାଟୀ ଯାଉଥିଲା।ସାମ୍ନାକୁ ଆସିଥିବା ଦୃଶ୍ୟରେ ୪ଟି ଯାକ ବଗି ରେଳ ଧାରଣା ବାହାରେ ଓଲଟି ପଡିଛି। ସେହିପରି ଅନ୍ୟଯାତ୍ରୀମାନେ ଭୟରେ ରେଳ ଧାରଣ ନିକଟରେ ଛିଡା ହୋଇଛନ୍ତି। ସୂଚନା ଅନୁଯାୟୀ, ସନ୍ଧ୍ୟା ୫ଟାରେ ଏହି ଘଟଣା ଘଟିଛି। ଏକ୍ସପ୍ରେସ ଟ୍ରେନ ୧୫୬୩୩ ବିକାନେରରୁ ଗୌହାଟୀ ଯାଉଥିଲା। ପ୍ରଥମେ ବଡ ଧରଣର ଝଟକା ଲାଗିଥିଲା। ଏହାପରେ ଇଞ୍ଜିନପାଖରୁ ୪ରୁ ୫ ବଗି ଓଲଟି ପଡିଥିଲା। ଏଥିରେ ଅନେକ ଲୋକ ଆହତ ହୋଇଥିବା ଉକ୍ତ ଟ୍ରେନରେ ଥିବା ଜଣେ ଯାତ୍ରୀ କହିଛନ୍ତି।

### ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି

ଭୁବନେଶ୍ୱର, ୧୩।୧(ପି.ଏନ): ରାଜ୍ୟରେ ହେବାକୁ ଥିବା ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ଗୁରୁବାର ଦିନ ବିଜ୍ଞପ୍ତି ପ୍ରକାଶ ପାଇଛି। ନିର୍ବାଚନ ଅଧିକାରୀମାନେ ବିଜ୍ଞପ୍ତି ଜାରି କରିଛନ୍ତି। ପଂଚାୟତ ଅଫିସରେ ସରପଂଚ, ସମିତି ସଭ୍ୟ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ଜିଲ୍ଲା ଓ ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲା ପରିଷଦ ସଭ୍ୟ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି।ଏଠାରେ ଉଲ୍ଲେଖ କରା ଯାଇ ପାରେ ଯେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଚଳିତ ମାସ ୧୭ରୁ ୨୧ ତାରିଖ ଯାଏଁ ଚାଲିବ। ମନୋନୟନ ପତ୍ର ଯାଂଚ ୨୨ ତାରିଖରେ ହେବ। ଜାନୁଆରି ୨୫ରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ୫ଟି ପର୍ଯ୍ୟାୟରେ ହେବ ଚଳିତ ପଂଚାୟତ ନିର୍ବାଚନ। ପ୍ରତି ପର୍ଯ୍ୟାୟ ମଧ୍ୟରେ ଗୋଟିଏ ଦିନ ବ୍ୟବଧାନ ରହିବ। ଆସନ୍ତା ଫେବ୍ରୁଆରି ୧୬, ୧୮, ୨୦, ୨୨ ଓ ୨୪ ତାରିଖରେ ନିର୍ବାଚନ ହେବ। ସେହିଭଳି ଫେବ୍ରୁଆରି ୨୬, ୨୭ ଓ ୨୮ ତାରିଖରେ ୩ଟି ପର୍ଯ୍ୟାୟରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ।

## ଆର୍ସେଲର ନିପ୍ପନ ମିତ୍ତଲ ଷ୍ଟିଲ୍ ବିରୁଦ୍ଧରେ ତେଜିଲା ଜନ ଆନ୍ଦୋଳନ

ପାରାଦୀପ, ୧୩।୧(ପି.ଏନ): ପାରାଦୀପ ଉପକଣ୍ଠରେ ଏସାର ଷ୍ଟିଲ୍ ଇଣ୍ଡିଆ ତାର ଷ୍ଟିଲ୍ ପ୍ଲାଣ୍ଟ ନିର୍ମାଣ ପରେ କମ୍ପାନୀ ତାର ଏହି ୟୁନିଟ୍ କୁ ଆର୍ସେଲର ନିପ୍ପନ ମିତ୍ତଲ କମ୍ପାନୀକୁ ହସ୍ତାନ୍ତରିତ କରି ଯାଗା ଛାଡି ଚାଲି ଯାଇଛି। ଏସାର କମ୍ପାନୀ ତାର ପ୍ଲାଣ୍ଟ ନିର୍ମାଣ ପାଇଁ ଜମି ଅଧିଗ୍ରହଣ କରାଯାଇଥିଲା। ଉଦୟବଟ ମୌଜାର ହାଣ୍ଡିଆ, ନୂଆଗଡ, ବାଲିଡିଆ ଗ୍ରାମର ଜମି ଅଧିଗ୍ରହଣ କରିବା ପରେ ଏସାର ତାର ଉତ୍ପାଦନ କରିଥିଲା। ହେଲେ ଅଧିଗ୍ରହଣ ହୋଇଥିବା ଅନେକ ଅଂଚଳକୁ କମ୍ପାନୀ ତା ଅଧିନକୁ ନେଇ ନଥିଲା। ଏସାର ଜମି ଅଧିଗ୍ରହଣ ପରେ ସରକାରଙ୍କ ନିୟମ ଅନୁଯାୟୀ ଥଇଥାନ, ବିସ୍ଥାପନ ଓ ନିଯୁକ୍ତି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଭାବେ ଭୂଲି ଯାଇଥିଲା। ଜମିହରା, ବିସ୍ଥାପିତଙ୍କୁ ନିଯୁକ୍ତି ଦେବା ପାଇଁ କୌଣସି ପ୍ରକାରର କାର୍ଯ୍ୟ କରି ନଥିବା ନେଇ ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ଏବେ ଆର୍ସେଲର ନିପ୍ପନ ମିତ୍ତଲ କମ୍ପାନୀ ଏହି କାରଖାନା କୁ ଅଧିଗ୍ରହଣ କରିବା ପରେ କମ୍ପାନୀ ତାର ପାଚେରୀ ନିର୍ମାଣ ଆରମ୍ଭ କରିଛି। ଉଦୟବଟ ମୌଜାର ମୁଣ୍ଡକାଟ, ବେଲାରୀ ସଂଲଗ୍ନ ଅଂଚଳକୁ ପାଚେରୀ ନିର୍ମାଣ ଆରମ୍ଭ କରିଛି। ଏହାକୁ ବିରୋଧ କରୁଛନ୍ତି ସ୍ଥାନୀୟ ଜନସାଧାରଣ। ଗୁରୁବାର ଦିନ ସେଠାରେ ଶତାଧିକ ପୁରୁଷ ଓ ମହିଳା ଏକତ୍ର ହୋଇ ଆର୍ସେଲର ନିପ୍ପନ ମିତ୍ତଲ କମ୍ପାନୀର ଏତାଦୃଶ କାର୍ଯ୍ୟକୁ ବିରୋଧ କରିଛନ୍ତି। ୨୦୦୮ ମସିହାରେ ଜମି ଅଧିଗ୍ରହଣ ପରେ ଏହାକୁ ଏସାର ଷ୍ଟିଲ ଅଧିଗ୍ରହଣ କରିଥିଲେ ବି ସେଟାରେ କୌଣସି ନିର୍ମାଣ କାର୍ଯ୍ୟ କରିନଥିଲା। ତେଣୁ ଯେହେତୁ ଏସାର ଷ୍ଟିଲ୍ କୌଣସି ନିର୍ମାଣ କରି ନାହିଁ, ଜମି ଅଧିଗ୍ରହଣକୁ ୧୩ ବର୍ଷ ଅତିକ୍ରମ ହେଲାଣି ତେଣୁ ରାଜ୍ୟ ସରକାରଙ୍କ ଆର୍.ଆର. ପଲିସି ହିସାବରେ ଏହି ଜମି ଚାଷିଙ୍କ ପାଖକୁ ଫେରିବା କଥା। ଆର୍ସେଲର ନିପ୍ପନ ମିତ୍ତଲ କମ୍ପାନୀର ଏହି ପାଚେରୀ ନିର୍ମାଣ ସମ୍ପୂର୍ଣ୍ଣ ବେଆଇନ୍ ବୋଲି କହିଛନ୍ତି ବାଲିଡିଆ ଗ୍ରାମର ସୁଶାନ୍ତ କୁମାର ପଟ୍ଟନାୟକ। କମ୍ପାନୀ ଜମିହରାଙ୍କୁ ନିଯୁକ୍ତି ଦେଇନାହିଁ, କି ବିସ୍ଥାପିତଙ୍କୁ ଥଇଥାନ କରିନାହିଁ। କମ୍ପାନୀ ଆଗ ବିସ୍ଥାପିତଙ୍କୁ ଥଇଥାନ କରୁ ପରେ ପାଚେରୀ ନିର୍ମାଣ କରୁ ବୋଲି ଦାବୀ କରିଛନ୍ତି ପ୍ରଭାକର ଚୌଧୁରୀ। ଏହି ବିରୋଧରେ ସାମିଲ ମହିଳାମାନେ କହିଛନ୍ତି କମ୍ପାନୀକୁ ଆମେ ପାଚେରୀ ତିଆରି କରେଇ ଦେବୁନି। ଏସାର କମ୍ପାନୀ ଆମକୁ ଯେପରି ଧୋକା ଦେଇଛି ଆଉ ଏବେ ଆର୍ସେଲର ନିପ୍ପନ ମିତ୍ତଲ କମ୍ପାନୀ ଆଉ ଏକ ସଂସ୍ଥା ଏସାର କମ୍ପାନୀ ଯାଗା ନେଇଥିଲା, କାରଖାନା ନେଲା ହେଲେ ତା ନାଁରେ ଏ ଜମି କିପରି ହୋଇଗଲା ବୋଲି ପ୍ରଶ୍ନ କରିଛନ୍ତି ଆନ୍ଦୋଳନରେ ସାମିଲ ହୋଇଥିବା ମହିଳାମାନେ। କମ୍ପାନୀ ଆମ ଦାବୀ ପୂରଣ ନ କଲେ ଆମେ ତାକୁ ଏଠି ପାଚେରୀ ତିଆରି କରେଇ ଦେବୁ ନାହିଁ ବୋଲି ରୋକ୍ ଠୋକ୍ କହିଛନ୍ତି।

## ଗୋଟିଏ ଦିନରେ ୧୦୦୫୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୩।୧(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୮୭୭୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୧୦୧୬୦୬ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୮୭୨ ଓ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୪୮ ହଜାର ୭୩୨ ହୋଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୪୪୩୪୯ ରହିଛି। ଆଜି ଚିହ୍ନଟ ହୋଇଥିବା ୧୦୦୫୯ ଜଣଙ୍କ ମଧ୍ୟରୁ ୫୮୩୩ଜଣ ସଂଗରୋଧରୁ ହୋଇଥିବା ବେଳେ ୪୨୨୬ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୩୧୮୮ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି। ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୪୬, ବାଲେଶ୍ୱର ଜିଲ୍ଲାରୁ ୨୭୮ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବରଗଡ ଜିଲ୍ଲାରୁ ୭୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୧୩୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗୀର ଜିଲ୍ଲାରୁ ୨୧୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୧୫, କଟକରୁ ୮୭୦ ସଂକ୍ରମିତ ହୋଇଛନ୍ତି। ଦେବଗଡ ଜିଲ୍ଲାରୁ ୧୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଢେଙ୍କାନାଳ ଜିଲ୍ଲାରୁ ୫୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଗଜପତି ଜିଲ୍ଲାରୁ ୮୨, ଗଂଜାମ ଜିଲ୍ଲାରେ ୧୫୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜଗତସିଂହପୁର ଜିଲ୍ଲାରୁ ୧୪୨, ଯାଜପୁରରୁ ୨୧୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଝାରସୁଗୁଡ଼ା ଜିଲ୍ଲାରୁ ୨୧୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କଳାହାଣ୍ଡି ଜିଲ୍ଲାରୁ ୧୨୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୩୬ ,କେନ୍ଦ୍ରାପଡ଼ା ଜିଲ୍ଲାରୁ ୫୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କେନ୍ଦୁଝରରୁ ୧୦୯, ଖୋର୍ଦ୍ଧାରୁ ୩୧୮୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କୋରାପୁଟ ଜିଲ୍ଲାରୁ ୧୫୫ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୧୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୪୨୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୧୨୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ନୟାଗଡ ଜିଲ୍ଲାରୁ ୧୦୨ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ୬୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ପୁରୀ ଜିଲ୍ଲାରୁ ୨୭୨ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ୧୩୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସମ୍ବଲପୁରରୁ ୫୭୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ୧୦୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୁନ୍ଦରଗଡ଼ରୁ ୧୩୪୮, ଷ୍ଟେଟ୍ ପୁଲରୁ ୭୨୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

### ଓମିକ୍ରନ ଡେଲ୍ଟା ଠାରୁ ୫ ଗୁଣା ବିପଦଜ୍ଜନକ

ଭୁବନେଶ୍ୱର, ୧୩।୧(ପି.ଏନ): ଓଡ଼ିଶାରେ ୨ ସପ୍ତାହ ମଧ୍ୟରେ ପରିସ୍ଥିତି ଚିନ୍ତାଜନକ ହେବ। ଜାନୁଆରୀ ଶେଷ ସୁଦ୍ଧା ପ୍ରତ୍ୟେକ ଦିନ ରାଜ୍ୟରେ ପାଖପାଖି ୩୦ହଜାର ପଜିଟିଭ କେସ୍ ଆସିବ। ଓମିକ୍ରନ ଡେଲ୍ଟା ଭାରିଆଂଟଠାରୁ ୫ ଗୁଣା ବିପଦଜ୍ଜନକ। ପ୍ରତ୍ୟେକ ଶହେ ଜଣ ଆକ୍ରାନ୍ତଙ୍କ ମଧ୍ୟରୁ ୨ ଜଣଙ୍କର ମୃତ୍ୟୁ ହୋଇପାରେ।କରୋନା ସଂକ୍ରମଣର ପିକ୍ ସମୟରେ ଦୈନିକ ୩୦ରୁ ୪୦ ଜଣଙ୍କ ମୃତ୍ୟୁ ହେବା ନେଇ ଆଶଙ୍କା କରାଯାଉଛି ବୋଲି ସୂଚନା ଦେଇଛନ୍ତି ଏମ୍ସର ପୂର୍ବତନ ନିର୍ଦ୍ଦେଶକ ଅଶୋକ ମହାପାତ୍ର।ସେ କହିଛନ୍ତି ସଭିଏଁ ବୁଷ୍ଟର ଡୋଜ ନେବା ଆବଶ୍ୟକ। କାରଣ ଲୋକେ ନେଇଥିବା ଭ୍ୟାକ୍ସିନ ୪ ରୁ ୬ ମାସ ମଧ୍ୟରେ ଅକାମି ହୋଇଯିବ। ଏହାର ପ୍ରଭାବ ରହିବ ନାହିଁ।

### ଦ୍ୱିତୀୟ ଲହର ତୁଳନାରେ ଏବେ ହସ୍ପିଟାଲାଇଜେସନ କମ୍ ରହିଛି: ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୧୩।୧(ପି.ଏନ): କରୋନାର ଦ୍ୱିତୀୟ ଲହର ତୁଳନାରେ ଏବେ ହସ୍ପିଟାଲାଇଜେସନ କମ୍ ରହିଛି ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର। ସେ ଆହୁରି ମଧ୍ୟ କହିଛନ୍ତି ଯେ ରାଜ୍ୟରେ କୋଭିଡ ସଂକ୍ରମଣ ଉପର ମୁହାଁ ଟ୍ରେଣ୍ଡରେ ରହିଛି। ବହୁତ ଅଳ୍ପ ଦିନରେ ଆମେ ଦ୍ୱିତୀୟ ଲହର ପିକକୁ ପାର୍ କରି ଯାଇ ପାରୁ। ସେ କହିଛନ୍ତି, ଗୋଟିଏ ପାଣ୍ଡେମିକରେ ପ୍ରଥମେ ବଢ଼ିବ ତାହା ପରେ କିଛି ଦିନ ସମାନ୍ତରାଳରେ ରହିବ ତା ପରେ କମିବ। ବର୍ତ୍ତମାନ ଦେଶରେ ବି ବଢୁଛି ଆମର ମଧ ବଢୁଛି। ସେ କହିଛନ୍ତି ଯେ ସଂକ୍ରମଣ ବଢିଲେ ମଧ ହସ୍ପିଟାଲାଇଜେସନ କମ୍ ରହିଛି। ଏମିତି କି ବେଡ୍ ଅକ୍ୟୁପେନସିର ଷ୍ଟାଟସ୍ ଅନୁଯାୟୀ ଜେନେରାଲ ବେଡରେ ୬.୫୧, ଆଇସିୟୁରେ ୧୨.୫୧ ପ୍ରତିଶତ, କ୍ରିଟିକାଲ କେୟାରରେ ଅଛି ୩.୬୨ ପ୍ରତିଶତ ପେସେଂଟ ରହିଛନ୍ତି। ସେ କହିଛନ୍ତି ଯେ ରାଜ୍ୟ ସରକାର ବର୍ତ୍ତମାନ ୫ଟି ଦିଗ ଉପରେ ନଜର ରଖିଛନ୍ତି। ଟେଷ୍ଟ ପିଜିଟିଭ ରେଟ, ହସ୍ପିଟାଲାଇଜେସନ, ମୃତ୍ୟୁ ହାର, ଲୋକଙ୍କ ବ୍ୟବହାର ଏ ସବୁ କୁ ଦେଖି ଆମେ ଆଗାମୀ ପଦକ୍ଷେପ ନିଆ ଯିବ।

### ରାଜଧାନୀରେ କରୋନା ବିସ୍ଫୋରଣ, ୨୪ ଘଂଟାରେ ୧୦୫୫ ପଜିଟିଭ୍

ଭୁବନେଶ୍ୱର, ୧୩।୧(ପି.ଏନ): ରାଜଧାନୀରେ କରୋନା ସଂକ୍ରମଣ ଆଜି ହଜାରେ ଟପିଛି। ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଅଂଚଳରୁ ଗୁରୁବାର ଆଉ ୧୦୫୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫୪ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୧୦୦୧ ଜଣ ଲୋକାଲ କେସ୍ ରହିଛନ୍ତି। ଏଥିସହ ୨୪ ଘଂଟାରେ ଆଉ ୧୨୫ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ଗତକାଲି ୮୦୩ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ।

### ଓଏଏସ୍ ମେନ୍ ପରୀକ୍ଷା ଘୁଂଚାଇବାକୁ ଦାବି

ଭୁବନେଶ୍ୱର, ୧୩।୧(ପି.ଏନ): ରାଜ୍ୟରେ କୋଭିଡ୍ ସଂକ୍ରମଣ ପିକରେ ଥିବାରୁ ଓଏଏସ୍ ମେନ୍ ପରୀକ୍ଷା ଘୁଂଚାଇବାକୁ ପରୀକ୍ଷାର୍ଥୀ ଦାବି କରିଛନ୍ତି। ପରୀକ୍ଷାର୍ଥୀଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ପରୀକ୍ଷା ବାତିଲ କରିବାକୁ ଦାବି କରାଯାଇଛି। ଏନେଇ ସଏଏସ୍ ଆଶାୟୀମାନେ ମୁଖ୍ୟମନ୍ତ୍ରୀ ଓ ଓପିଏସସି ଚେୟାରମ୍ୟାନଙ୍କୁ ଦାବି ଜଣାଇଛନ୍ତି। ରାଜ୍ୟରେ ପ୍ରାୟ ୫ହଜାର ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବା ବେଳେ ଏବେ ସୁଦ୍ଧା ଶତାଧିକ ପରୀକ୍ଷାର୍ଥୀ ଆକ୍ରାନ୍ତ ହୋଇ ସାରିଲେଣି। ତେଣୁ ୟୁପିଏସସି ଭଳି ଓପିଏସସି ଏହି ପରୀକ୍ଷା ବାତିଲ କରିବାକୁ ଦାବି ହେଉଛି।ଏ ନେଇ ଜଣେ ପରୀକ୍ଷାର୍ଥୀ କହିଛନ୍ତି, ଚଳିତ ମାସ ୨୦ରୁ ଫେବୃଆରୀ ୮ ତାରିଖ ଯାଏ ଓଏଏସ୍ ମେନ୍ ପରୀକ୍ଷା ହେବ। ପାଖାପାଖି ୫ହଜାର ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଯେହେତୁ ପରୀକ୍ଷା ଦେବା ପାଇଁ ଓଡ଼ିଶା ବାହାରୁ ବହୁ ବିଦ୍ୟାର୍ଥୀ ଆସିବେ।

### ୧୫ ଯାଏଁ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୩।୧(ପି.ଏନ): ଆସନ୍ତା ୧୫ ତାରିଖ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଘଡଘଡି ବିଜୁଳି ଓ କୁଆପଥର ସହ ପ୍ରଭବଳ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା, ,ବୌଦ୍ଧ, ଗଞ୍ଜାମ, ଗଜପତି, ନୟାଗଡ଼ ଓ ଅନୁଗୁଳ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ, କୁଆପଥର ସହ ପ୍ରବଳ ବର୍ଷା ସମ୍ଭାବନା ରହିଥିବାରୁ ପାଣିପାଗ କେନ୍ଦ୍ରପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।ଏହି ସମୟ ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ବଲାଙ୍ଗୀର,ସମ୍ବଲପୁର , ଢେଙ୍କାନାଳ, ଖୋର୍ଦ୍ଧା, ପୁରୀ, କଟକ ଓ ସୁବର୍ଣ୍ଣପୁର ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ଆଶଙ୍କା ରହିଛି। ଏହି ଜିଲ୍ଲା ଗୁଡିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଜାନୁଆରୀ ୧୪ରୁ ୧୫ ତାରିଖ ମଧ୍ୟରେ ବାଲେଶ୍ୱର , ଭଦ୍ରକ, ଯାଜପୁର ,କେନ୍ଦ୍ରାପଡା, ଜଗତସିଂହପୁର, କଟକ, ନୟାଗଡ, ଖୋର୍ଦ୍ଧା , ପୁରୀ, ଗଂଜାମ, ଗଜପତି, କେନ୍ଦୁଝର, ମୟୂରଭଞ୍ଜ, କନ୍ଧମାଳ, ରାୟଗଡ଼ା, କୋରାପୁଟ , ଢେଙ୍କାନାଳ ଓ ମାଲକାନଗିରି ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ସହିତ ବଜ୍ରପାତ ଆଶଙ୍କା ରହିଛି। ଏଥିପାଇଁ ଉକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

### ବିଏମସିର ୨୨ କର୍ମଚାରୀ ପଜିଟିଭ୍

ଭୁବନେଶ୍ୱର, ୧୩।୧(ପି.ଏନ): ରାଜ୍ୟରେ ହୁ ହୁ ହୋଇ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାବେଳେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ଅଫିସ୍ ରେ ପଶିଛି କରୋନା। ବିଏମ୍ ସିର ୨୨ ଜଣ କର୍ମଚାରୀ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିପାଇଁ ବିଏମ୍ସି କାର୍ଯ୍ୟାଳୟକୁ ସର୍ବସାଧାରଣଙ୍କ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। ସେହିପରି ବିଏମ୍ସି କାର୍ଯ୍ୟାଳୟର ଅନ୍ୟ ସବୁ କର୍ମଚାରୀଙ୍କର ନମୁନା ପରୀକ୍ଷା କରାଯିବ ବୋଲି ସୂଚନା ମିଳିଛି।

## ଗଞ୍ଜେଇ ରୋକୁଛି କରୋନା ଭୂତାଣୁ !



ନ୍ୟୁୟର୍କ, ୧୩।୧(ପି.ଏନ): ଗଞ୍ଜେଇକୁ ସମସ୍ତେ ନିଶା ଭାବେ ବିବେଚ୍ନା କରିନ୍ତି। ହେଲେ ଏହାର ଅନେକ ଔଷଧୀୟ ଗୁଣ ରହିଛି। ଅନେକ ଦେଶ ଗଞ୍ଜେଇ ଚାଷ ଓ ଉତ୍ପାଦନକୁ ମଧ ଅନୁମତି ଦିଆଯାଇଛି। ଏସବୁ ଭିତରେ ଗଞ୍ଜେଇରେ ଥିବା କିଛି ଉପାଦନ ମହାମାରୀ କରୋନା ବିରୋଧରେ ଫଳପ୍ରଦ ହେଉଥିବା ଗବେଷଣାରୁ ଜଣାପଡିଛି। ଆମେରିକୀୟ ଗବେଷକମାନେ ଜାଣିବାକୁ ପାଇଛନ୍ତି ଯେ ଗଞ୍ଜେଇରେ ଥିବା କାନାବିନଏଡ୍ ଏସିଡ୍ କୋଭିଡ-୧୯ ସୃଷ୍ଟି କରୁଥିବା ସାର୍ସ-କୋଭ୍-୨ ଭୂତାଣୁକୁ ମଣିଷର କୋଷରେ ପ୍ରବେଶ କରିବାକୁ ଦିଏନାହିଁ। ଗଞ୍ଜାଇ ହେଉଛି ଫାଇବରର ଉତ୍ସ। ମଣିଷ ଓ ପଶୁର ଖାଦ୍ୟ ପାଇଁ ଏହା ବ୍ୟବହୃତ ହୋଇଥାଏ। ଏହାକୁ କସମେଟିକ, ବଡି ଲୋସନ, ଡାଏଟାରୀ ସପ୍ଲିମେଣ୍ଟ ଓ ଖାଦ୍ୟରେ ସାମିଲ କରାଯାଏ ବୋଲି ଆମେରିକାର ଓରେଗନ୍ ଷ୍ଟେଟ୍ ବିଶ୍ୱବିଦ୍ୟାଳୟର ଗବେଷକ ରିଚାର୍ଡ ଭାନ ବ୍ରେମେନ କହିଛନ୍ତି।ଗବେଷଣା କରୁଥିବା ଟିମ୍ ଜାଣିବାକୁ ପାଇଛନ୍ତି ଯେ କାନନାବିନଏଡ୍ ଏସିଡ SARS-CoV-୨ ସ୍ପାଇକ୍ ପ୍ରୋଟିନରେ ବାନ୍ଧି ହୋଇ ଏହି ଭୂତାଣୁକୁ ସଂକ୍ରମିତ କରିବା ଦିଗରେ ପ୍ରତିବନ୍ଧକ ସାଜିଥାଏ। ଏହି ଗବେଷଣା ରିପୋର୍ଟ ଜର୍ଣ୍ଣାଲ ଅଫ ନ୍ୟାଚୁରାଲ ପ୍ରଡକ୍ଟରେ ପ୍ରକାଶ ପାଇଛି।କାନାବିଗେରୋଲିକ୍ ଏସିଡ୍ ବା CBGA, କାନାବିଡିଓଲିକ୍ ଏସିଡ୍ ବା CBDA ଓ ସ୍ପାଇକ୍ ପ୍ରୋଟିନ୍ ହେଉଛି ସମାନ ଔଷଧ, ଯାହା କୋଭିଡ ବିରୋଧୀ ଟିକା ଏବଂ ଆଣ୍ଟିବଡି ଥେରାପିରେ ବ୍ୟବହୃତ ହୁଏ। ରିଚାର୍ଡ ଭାନ ବ୍ରେମେନ କହିଛନ୍ତି ଯେ ହେମ୍ପରେ ପ୍ରଚୁର ପରିମାଣର କାନାବିନଏଡ୍ ଏସିଡ୍ ରହିଥାଏ। ସେଗୁଡିକ ଗଞ୍ଜେଇରେ ଥିବା ସାଇକୋଆକ୍ଟିଭ୍ ଉପାଦାନ THC ପରି ନିୟନ୍ତ୍ରିତ ପଦାର୍ଥ ନୁହନ୍ତି। ଏହାର ଅର୍ଥ ଏହା ଲୋକମାନଙ୍କୁ ଭଲ ସୁରକ୍ଷା ଯୋଗାଇ ଦେଇପାରେ। ଆମ ଅନୁସନ୍ଧାନରୁ ଜଣାପଡିଛି ଯେ ହେମ୍ପ ଉପାଦନଗୁଡିକ SARS-CoV-୨ର ସବୁ ଭ୍ୟାରିଏଣ୍ଟ ବିରୋଧରେ ସମାନ ଭାବରେ ପ୍ରଭାବଶାଳୀ ହେଉଛି। ପୂର୍ବରୁ ଏହା ଆଲଫା ଓ ବିଟା ଭାରିଆଣ୍ଟ ବିରୋଧରେ ସୁରକ୍ଷା ଦେଉଥିବା ଜଣାପଡିଥିଲା।ଲ୍ୟାବ ଟେଷ୍ଟରୁ ଜଣାପଡିଛି ଯେ କାନାବିଗେରୋଲିକ୍ ଏସିଡ୍ ଓ କାନାବିଡିଓଲିକ୍ ଏସିଡ୍ କରୋନା ଭାଇରସ ଦ୍ୱାରା ସଂକ୍ରମିତ ହେଉଥିବା ଏପିଏଥେଲିଆ ସେଲର ସଂକ୍ରମଣକୁ ରୋକିଥାଏ। ଏଥିସହ କୋଷରେ ସାର୍ସ କୋଭ-୨ର ପ୍ରବେଶକୁ ରୋକିଥାଏ। ଏହି ଉପାଦନକୁ ପାଟି ଯୋଗେ ନିଆଯାଇ ପାରିବ ଓ ଏହା ସୁରକ୍ଷିତ ବୋଲି ଦୀର୍ଘ ଦିନରୁ ପ୍ରମାଣିତ ହୋଇ ଆସିଛି। ଏହା କେବଳ ସଂକ୍ରମଣକୁ ରୋକିବ ନାହିଁ ବରଂ ସାର୍ସ କୋଭ-୨ର ଚିକିତ୍ସାରେ ମଧ ବ୍ୟବହୃତ ହୋଇପାରିବ। ଗଞ୍ଜେଇ ଗଛରୁ ହିଁ CBDA and CBGA ଉତ୍ପାଦିତ ହୋଇଥାଏ।

## ଓଡଗାଁ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ପଞ୍ଚାୟତ ନିର୍ବାଚନ ବୈଠକ



ଭୁବନେଶ୍ୱର, ୧୩।୧(ପି.ଏନ): ଆଜି ଶରଣକୁଳ ମା ଝାଡେଶ୍ୱରୀଙ୍କ ପୀଠରେ ଓଡ଼ଗାଁ ବ୍ଲକ କଂଗ୍ରେସର ରଣପୁର ନିର୍ବାଚ୍ନ ମଣ୍ଡଳୀର ଆସନ୍ତା ପଞ୍ଚାୟତ ନିର୍ବାଚ୍ନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି ଏହି ସଭାରେ ଓଡ଼ଗାଁ ବ୍ଲକ କଂଗ୍ରେସ ସଭାପତି ଶ୍ରୀ ପୂର୍ଣ୍ଣ ଚ୍ନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତା କରିଥିଲେ। . ଆସନ୍ତା ପଞ୍ଚାୟତ ନିର୍ବାଚ୍ନରେ ରଣପୁର ନିର୍ବାଚ୍ନ ମଣ୍ଡଳୀର ଜିଲ୍ଲାପରିଷଦ ୩ ନଂଜୋନ ଏବଂ ୪ ନଂଜୋନ ପାଇଁ ପ୍ରାର୍ଥୀ ଚ୍ୟନ କରାଯାଇଛି। ୩ ନଂ ଜୋନ ପାଇଁ ଶ୍ରୀମତୀ ସସ୍ମିତା ଦାଶ ଓ ୪ନଂ ଜୋନ ପାଇଁ ଶ୍ରୀମତୀ ରୁନା ବିଶୋଇଙ୍କୁ ସର୍ବସମ୍ମତି କ୍ରମେ ଚ୍ୟନ କରାଯାଇଛି। ଉକ୍ତ ସଭାରେ ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦକ ଶ୍ରୀଯୁକ୍ତ ହୁସେନ ଖାଁ, ନୟାଗଡ଼ ଜିଲ୍ଲା କଂଗ୍ରେସ ସଭାପତି ଆଇନଜୀବୀ ଶ୍ରୀଯୁକ୍ତ ରଣଜିତ କୁମାର ଦାସ, ରାଜ୍ୟ ଯୁବ ଆଇଏନଟିୟୁସି ସଭାପତି ଶ୍ରୀଯୁକ୍ତ ସତ୍ୟବ୍ରତ ନାୟକ, ନୟାଗଡ଼ ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଶ୍ରୀଯୁକ୍ତ କମଳ ଲୋଚ୍ନ ସାହୁ, ରଣପୁର ନିର୍ବାଚ୍ନ ମଣ୍ଡଳୀର କଂଗ୍ରେସ ଦଳର ବିଧାୟକ ପ୍ରାର୍ଥୀନୀ ନାରୀନେତ୍ରୀ ଶ୍ରୀମତୀ ଶୁଭଶ୍ରୀ ପଣ୍ଡା, ନୟାଗଡ଼ ଜିଲ୍ଲା ଯୁବ କଂଗ୍ରେସର କାର୍ଯକାରୀ ସଭାପତି ଦୟ ଶ୍ରୀଯୁକ୍ତ ପ୍ରତୀକ ମହାପାତ୍ର ଏବଂ ଶ୍ରୀଯୁକ୍ତ ମୀର ଅବୁବକର ସିଦ୍ଧିକ,ରଣପୁର ନିର୍ବାଚ୍ନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ଅଶୋକ କୁମାର ମହାପାତ୍ର ଏବଂ ନୟାଗଡ ଜିଲ୍ଲା କଂଗ୍ରେସ ସେବା ଦଳର ସଂଯୋଜକ ଶ୍ରୀଯୁକ୍ତ ବିମଳ କୁମାର ଦାସ, ଜିଲ୍ଲା କଂଗ୍ରେସ ଉପ ସଭାପତି ଶ୍ରୀଯୁକ୍ତ ମଦନ ମୋହନ ବିଶୋଇ ଓ ଜିଲ୍ଲା କଂଗ୍ରେସ କମିଟିର ସମ୍ପାଦକ ଶ୍ରୀଯୁକ୍ତ ପ୍ରଫୁଲ ପାଟଶାଣୀ, ରମେଶ ଚ୍ନ୍ଦ୍ର ମହାପାତ୍ର, ପୂର୍ଣ୍ଣଚ୍ନ୍ଦ୍ର ମହାପାତ୍ର,ପ୍ରଭାତ କୁମାର ପୃଷ୍ଟି , ରବି ନାରାୟଣ ମହାନ୍ତିଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ଆସନ୍ତା ପଞ୍ଚାୟତ ନିର୍ବାଚ୍ନରେ କଂଗ୍ରେସ ପ୍ରାର୍ଥୀମାନଙ୍କୁ ବିଜୟ କରିବା ପାଇଁ ଶପଥ ନେଇଛନ୍ତି। ଉପସ୍ଥିତ କଂଗ୍ରେସ ନେତା ମାନେ ରାଜ୍ୟ ଈଔଡ ସରକାର ଓ କେନ୍ଦ୍ର ଈଔଚ ସରକାର ଙ୍କ ଜନମାରଣ ନୀତିକୁ ତିବ୍ର କଟୁ ସମାଲୋଚ୍ନା କରିଥିଲେ।

## ପଂଚାୟତ ନିର୍ବାଚନ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ବିଜେପିର ଦାବି

ଭୁବନେଶ୍ୱର, ୧୩।୧(ପି.ଏନ): କରୋନା ସଂକ୍ରମଣର ଭୟଭୟତାକୁ ଦେଖି ନିର୍ବାଚନ ପ୍ରଚାର ପାଇଁ ନିର୍ବାଚନ କମିଶନ ଗାଇଡଲାଇନ ଜାରୀ କରିଛନ୍ତି। ମାତ୍ର ୨୪ ଘଂଟା ନପୁରୁଣୁ ଶାସକ ବିଜେଡି ମନ୍ତ୍ରୀ, ସାଂସଦ, ବିଧାୟକ ଓ ନେତାମାନେ ଖୋଲାଖୋଲି ଭାବେ ଆଚରଣ ବିଧିକୁ ଉଲ୍ଲଂଘନ କରି ନିର୍ବାଚନ ପ୍ରଚାର କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି। ନିର୍ବାଚନ ପ୍ରକ୍ରିୟାର ଆରମ୍ଭରୁ ଆଚରଣ ବିଧିର ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରାଗଲେ ସ୍ଥିତି ନିୟନ୍ତ୍ରଣ ବାହାରକୁ ଯିବା ସୁନିଶ୍ଚିତ। ତେଣୁ ରାଜ୍ୟ ନିର୍ବାଚନ କମିଶନ ପ୍ରଥମରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଏକ ଅବାଧ, ନିରପେକ୍ଷ ଓ ଭୟମୁକ୍ତ ନିର୍ବାଚନ ପାଇଁ ପଥ ପ୍ରଶସ୍ତ କରିବାକୁ ଭାରତୀୟ ଜନତା ପାର୍ଟୀ ତରଫରୁ ଦାବୀ କରାଯାଇଛି।କରୋନା ଗାଇଡଲାଇନକୁ ନେଇ ରାଜ୍ୟ ନିର୍ବାଚନ କମିଶନ ଏବଂ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନଙ୍କ ଭିନ୍ନ ଭିନ୍ନ ନିର୍ଦ୍ଦେଶନାମା ସାଧାରଣରେ ଦ୍ୱନ୍ଦ ସୃଷ୍ଟି କରିଛି। ଏହି ପ୍ରସଙ୍ଗରେ ରାଜ୍ୟ ନିର୍ବାଚନ କମିଶନ ତୁରନ୍ତ ରାଜ୍ୟବାସୀଙ୍କ ଦ୍ୱନ୍ଦ ଦୁର କରିବାକୁ ବିଜେପି ପ୍ରତିନିଧି ଦଳ ଦାବୀ କରିଛନ୍ତି। ଏହି ପ୍ରତିନିଧି ଦଳରେ ରାଜ୍ୟ ମୁଖପାତ୍ର ରମାରଞ୍ଜନ ବଳିୟାରସିଂହ, ରାଜ୍ୟ ପଂଚାୟତରାଜ ପ୍ରକୋଷ୍ଠ ସଂଯୋଜକ ଶଙ୍କର୍ଷଣ ପରିଡା, ରାଜ୍ୟ ଗଣମାଧ୍ୟମ ସହପ୍ରମୁଖ ସୁଜିତ କୁମାର ଦାସ ଏବଂ ରାଜ୍ୟ ଓବିସି ମୋର୍ଚ୍ଚା ରାଜ୍ୟ ସଂପାଦକ ସିଦ୍ଧାର୍ଥ ଶଂକର ପତି ସାମିଲ ଥିଲେ।ସେମାନେ ଅଭିଯୋଗ କରିଛନ୍ତି କରୋନା ଗାଇଡଲାଇନକୁ ଭୃକ୍ଷେପ ନକରି ଗତ କାଲି ଗଂଜାମ ଜିଲ୍ଲା ପୋଲସରାରେ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଶ୍ରୀକାନ୍ତ ସାହୁ; ଆଜି ଜଗତସିଂହପୁର ଜିଲ୍ଲାର ତିର୍ତୋଲଠାରେ ବରିଷ୍ଠ ମନ୍ତ୍ରୀ ସମୀର ରଂଜନ ଦାଶ, ସାଂସଦ ରାଜଶ୍ରୀ ମଲ୍ଲିକ ନିଜ ଶତାଧିକ ବିଜେଡି ସମର୍ଥକଙ୍କ ଗହଣରେ ନିର୍ବାଚନ ସଂପର୍କିତ ସଭା ଓ ସମ୍ମିଳନୀ ଜାରୀ ରଖିଛନ୍ତି। ନିର୍ବାଚନକୁ ପ୍ରଭାବିତ କରିବା ଭଳି ସରକାରୀ ଦଳର ପର୍ଯ୍ୟାପ୍ତ ବିଜ୍ଞାପନ ହୋର୍ଡିଂ ଓ ବ୍ୟାନର ଶାସକ ଦଳ ଦ୍ୱାରା ରାଜ୍ୟବ୍ୟାପୀ ଛାଇଯାଇଥିଲେ ମଧ୍ୟ ଏ ସବୁର ଉଚ୍ଛେଦ ଲାଗି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳମାନେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ତଥା ଏତାଦୃଶ ଆଦର୍ଶ ଆଚରଣ ବିଧିର ବ୍ୟାପକ ଉଲ୍ଲଂଘନ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଭାରତୀୟ ଜନତା ପାର୍ଟୀ ତରଫରୁ ଦାବୀ ଉପସ୍ଥାପନ କରାଯାଉଛି।ସଂପ୍ରତି ରାଜ୍ୟରେ କରୋନା ସଂକ୍ରମଣ ଆକ୍ରାନ୍ତଙ୍କ ପ୍ରତିଦିନ ବୃଦ୍ଧି ପାଇଚାଲିଛି। ଆଜି ଏହି ସଂଖ୍ୟା ଦଶ ହଜାରକୁ ଅତିକ୍ରମ କରିଛି ଏବଂ ଆଗାମୀ ଦିନରେ ଏହି ସଂଖ୍ୟା ୩୦ ହଜାର ଛୁଇଁବ ବୋଲି ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଆଶଙ୍କା ପ୍ରକଟ କରାଯାଇଥିବାବେଳେ ଓଡିଶାର ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ୪୦ ହଜାର ଟପିଯାଇପାରେ ବୋଲି ଚିନ୍ତା ପ୍ରକଟ କରିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ କୌଣସି ବଡ କାର୍ଯ୍ୟକ୍ରମ ହୋଇପାରିବ ନାହିଁ ବୋଲି ଆଇନରେ ଉଲ୍ଲେଖ ଅଛି। ଏଭଳି ସଂକଟ ସମୟରେ ଯେଉଁମାନେ ଆଦର୍ଶ ଆଚରଣବିଧି ଉଲ୍ଲଂଘନ କରିଛନ୍ତି, ସେମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କମିଶନଙ୍କ ନିକଟରେ ଦାବୀ ଉପସ୍ଥାପିତ କରୁଛୁ।








# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ୍ୟ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା'ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନିସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ୨୮ ବର୍ଷ ପରେ ସନ୍ତାନ

ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରତମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟାନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଉଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଂଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ୍ୟ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତୃ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ମକର ସଂକ୍ରାନ୍ତି

କଥାରେ ଅଛି: ମକର, ଦିନ ହୁଏ ବକର। ଏହା କେବଳ ଜ୍ୟୋତିଷୀକଥା ନୁହେଁ, ଜ୍ୟୋତିର୍ବିଦୀୟ ବୈଜ୍ଞାନିକ ସତ୍ୟ। ମକର ସଂକ୍ରାନ୍ତି ଦିନଠୁ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ହୁଏ। ସୂର୍ଯ୍ୟଙ୍କର ଦୁଇଟି ଗତି ଅଛି। ଏହି ଗତି ଅନୁସାରେ ସୂର୍ଯ୍ୟ ବିଷୁବ ରେଖା ଉପରେ ଦୁଇଦିନ ରୁହନ୍ତି : ମାର୍ଚ୍ଚ ୨୧ ଏବଂ ସେପ୍ଟେମ୍ବର ୨୩। ଏହି ଦୁଇଦିନ ପୃଥିବୀର ଦିନରାତ୍ର ସର୍ବତ୍ର ସମାନ। ଅନ୍ୟଥା ସୂର୍ଯ୍ୟଙ୍କର ସ୍ଥିତିର ବ୍ୟତିକ୍ରମ ଅଛି। ସୂର୍ଯ୍ୟ ସିଦ୍ଧାନ୍ତମତେ ଦକ୍ଷିଣାୟନଗତି ଏବଂ ଉତ୍ତରାୟଣ ଗତି ଯଥାକ୍ରମେ କର୍କଟ ସଂକ୍ରାନ୍ତି ଏବଂ ମକର ସଂକ୍ରାନ୍ତି ଦିନ କରିବା ବିଧି ବର୍ଣ୍ଣିତ ହୋଇଛି।

*"ମିଥୁନଂ ତୁ ପରି ତ୍ୟଜ୍ୟ ଯଦା କର୍କଟେ ଗୋ ରବିଃ/ଅୟନାଖ୍ୟଂ ହରେଃପୂଜା*



*କୁର୍ଯ୍ୟାନଙ୍ଗଳପ୍ରାପ୍ତୟେ।। କାମୁକଂ ପରିତ୍ୟଜ୍ୟ ମୃଗଂଗଚ୍ଛେତ ଯଦାରବିଃ/ ଉତ୍ତରାୟଣ ସଂଜ୍ଞଃ ସ୍ୟାଦୁତ୍ସବଂ କାରୟେଦ୍ଧରେଃ।।"*



ଏହିଦିନ ଚନ୍ଦ୍ର ମୃଗଶିରା ନକ୍ଷତ୍ରରୁ ବିଦାୟ ନେଇ ପୁଷ୍ୟାକୁ ଏବଂ ସୂର୍ଯ୍ୟ ଧନୁରାଶିରୁ ମକର ରାଶିକୁ ଚଳିବେ। ଦେବୀପୁରାଣମତେ ଏହିଦିନ ତୀର୍ଥସ୍ଥାନ ମାନଙ୍କରେ ବୁଡ଼ ପକାଇଲେ, ସାତଜନ୍ମ ଯାଏଁ ନିରୋଗ ଏବଂ ଧନବାନ୍ ହେବାକୁ ହୁଏ।

ସୂର୍ଯ୍ୟଙ୍କର ଏହି ସଂକ୍ରମଣ ସମୟରେ କୌଣସି ଦୈବ ବା ପିତୃକାର୍ଯ୍ୟ କରାଯାଏ ନାହିଁ। ସେପରିସ୍ଥଳେ ଦକ୍ଷିଣାୟନର ପୂର୍ବ ଏବଂ ଉତ୍ତରାୟଣର ପର କୋଡ଼ିଏ ଘଣ୍ଟା ଶୁଦ୍ଧକାଳ ବିଚାରି ସମସ୍ତ କାର୍ଯ୍ୟ କରାଯାଏ।

ଅୟନେ ବିଂଶତି ପୂର୍ବା। ମକରେ ବିଂଶତି ପରା।
ବର୍ତ୍ତମାନ ତୁଳାମେଷେ ନାଡ୍ୟସ୍ତୁ ଭୟତୋଦଶ।।
ସଂକ୍ରାନ୍ତିସ୍ତୁ ଯଦା ରାଜନ ଦିବା ବା ଯଦିବା ନିଶଃ
ପୂର୍ବ ମେବ ଦିନଂଗ୍ରାହଂ ଦୈବେ ପିତ୍ରେ ଚ କର୍ମଣି।।

ଓଡ଼ିଆ ସଂସ୍କୃତି ଓରଫ ଜଗନ୍ନାଥ ସଂସ୍କୃତି, ଜଗନ୍ନାଥଙ୍କ ମନ୍ଦିରରେ ନୀତି ନିୟମ ଅନୁଯାୟୀ ପ୍ରଭାବିତ। କର୍କଟ ସଂକ୍ରାନ୍ତିଦିନ ପ୍ରଭୁଙ୍କର ନିତିଦିନିଆ ପୂଜା ସହ ଷୋଡ଼ଶ ଉପଚାରର ସ୍ୱତନ୍ତ୍ର ପୂଜା ଓ ବନ୍ଦାବନା ଅନୁଷ୍ଠିତ ହୁଏ; କିନ୍ତୁ ମକର ସଂକ୍ରାନ୍ତି ତୃତୀୟ ଦିବସରେ ଦୁଗ୍ଧ ପରିସରାଣ, ପୂର୍ବ ଦିବସରେ ସଂଧ୍ୟାରେ ଦୁଗ୍ଧାବାସ କରାଯାଏ। ମାସାନ୍ତଦିନ ବିଧି ନିମନ୍ତେ ସେହି ଦୁଗ୍ଧ ଦେବତାଙ୍କ ପାଶେ ସଂରକ୍ଷିତ ରୁହେ। ରାତ୍ରୀରେ ମଦନମୋହନଙ୍କୁ ଜଗନ୍ନାଥ ସିଂହାସନ ଚାରିପଟେ ସାଢ଼େ ଚାରିଥର ବୁଲାଇବା ପରେ ମନ୍ଦିର ବେଢ଼ାକୁ ସାଢ଼େ ଚାରିଥର ପ୍ରଦକ୍ଷଣ କରାଯାଏ ବୋଲି ଏହାକୁ ମଧ୍ୟ 'ନବା'ଙ୍କ ଯାତ୍ରା କୁହନ୍ତି।

*"ନବାଙ୍କେ ନବବାରଂ ବା ପ୍ରାସାଦ ଭ୍ରମଣଂ ହରେଃ।। ଯଃ କରୋତି ନରୋଃ ଗଚ୍ଛେଦ୍ ବୈକୁଣ୍ଠଂ ସର୍ବକାମ ଦମ୍।।"*

ମକର ସଂକ୍ରାନ୍ତି ଦିନ ଆମୀକ୍ଷା, ଦଧି, ଦୁଗ୍ଧ, ସର୍କରା, ଘୃତ, କଦଳୀ, ନାରୀକେଳ, ଅଦା, କର୍ପୁର, ଲବଙ୍ଗ, ଜାଇଫଳ, ନୂତନ ତଣ୍ଡୁଳ ଏବଂ ଇଖୁ ରସ ଇତ୍ୟାଦି ଦ୍ୱାରା ମକର ତଣ୍ଡୁଳ ପ୍ରସ୍ତୁତ ହୁଏ। ମଧ୍ୟାହ୍ନର ନିତ୍ୟପୂଜା ପରେ ନୂଆବସ୍ତ୍ର ଓ ଅଳଙ୍କର ଦ୍ୱାରା ଠାକୁରଙ୍କୁ ସୁବେଶ କରାଇବା ପରେ ପଞ୍ଚଘୋଷ ସହିତ ପୁଣିଥରେ ବେଢ଼ା ପରିକ୍ରମା କରାଇ ଶ୍ରୀ ଜଗନ୍ନାଥଙ୍କୁ ମକର ତଣ୍ଡୁଳ ସମର୍ପଣ କରାଯାଏ। ଏହାକୁ 'ମକର ଭୋଗ' ନାମରେ ନାମିତ କରାଯାଇଛି। ଭକ୍ତମାନେ ଏହାକୁ ପ୍ରସାଦ ରୂପେ ପାଇଥାନ୍ତି।

ଜଗନ୍ନାଥ ମନ୍ଦିରରେ ଯାହା ସତ୍ୟ, ଆମ ପାଇଁ ତାହା କରଣୀୟ। ଏହି ଦିନ ଆମେ ନୂଆପୋଷାକ ପିନ୍ଧୁ; ନୂଆ କିଛି କରିବାର ସଂକଳ୍ପ କରୁ ଏବଂ ଖୁସି ମନାଉ।

ମକର ସଂକ୍ରାନ୍ତି ଓଡ଼ିଶାର କୃଷି ଭିତ୍ତିକ ଏକ ମୁଖ୍ୟ ପର୍ବ। ବର୍ଷ ଜାକର ମେହନତି ପରେ ଖଳାକୁ ଆସନ୍ତି ଧନଲକ୍ଷ୍ମୀ। ସବୁରି ଘରେ ପୌଷ ଲକ୍ଷ୍ମୀ, ବାଉରୀ ହାଣ୍ଡିରେ ପେଜ। କୃଷକ ତା' ଫସଲକୁ ଭୋଗ କରିବା ପୂର୍ବରୁ, ସେ ତାକୁ ପ୍ରଥମେ ସମର୍ପଣ କରେ ତା' ଇଷ୍ଟଦେବତାଙ୍କୁ, ପ୍ରଭୁଙ୍କୁ ଏହି ମକର ଚାଉଳ ମାଧ୍ୟମରେ। ଏହା ମଧ୍ୟ ଆଖୁ ଅମଳର ଋତୁ। ଏଣୁ ନୂଆ ଚାଉଳ, ନୂଆ ଗୁଡ଼, ପାଚିଲା କଦଳୀ, ଛେନା, ଖଣ୍ଡ ଆଖୁ, କର୍ପୁର ଏବଂ ଜାଇଫଳ ଇତ୍ୟାଦିରେ ମକର ଚାଉଳ ପ୍ରସ୍ତୁତ କରେ। ତା'ପରେ ଚଉରାମୂଳେ, ଖଳାବାଡ଼ିରେ, ଇଶାଣରେ ଅଥବା ମକର ମାଧବଙ୍କୁ ଏ ମକର ଚାଉଳ ଭୋଗ କରେ। ସେତେବେଳେ କୃଷକ ଘରଣୀ ମୁଣ୍ଡିଆ ମାରି ଠାକୁରଙ୍କୁ ମନାସୁଥାଏ: ***ମକର ଚାଉଳ ଚାଷୀର ସମ୍ବଳ, ଘେନା କରିଦେବ ଏହି ମିନତୀ/ଏତିକି ସଦୟ ହୋଇଥାଅ ତମେ/ନପଡୁ ଚାଷୀଙ୍କୁ କୋଉ ବିପତ୍ତି।।*** ଏହି ପର୍ବ ସାରା ଭାରତବର୍ଷରେ ପାଳିତ ହୁଏ; କିନ୍ତୁ ନଈକେ ବାଙ୍କ ଦେଶକେ ଫାଙ୍କପରି କିଛିଟା ଭିନ୍ନତା ଦେଖାଯାଏ ସ୍ଥାନ ନେଇ। ଏହା ଉଭୟ ଆଦିବାସୀ ଓ ଅଣଆଦିବାସୀ ସଂପ୍ରଦାୟ ଲୋକଙ୍କର ଆନନ୍ଦରେ ପାଳନ କରୁଥିବା ପର୍ବ। ଏହି ଦିନ ସମସ୍ତେ ନୂଆବସ୍ତ୍ର ଧାରଣ କରନ୍ତି। ସକାଳୁ ସ୍ନାନସାରି ସୂର୍ଯ୍ୟଉପାସନା ପରେ ଦାନ ଧର୍ମ କରନ୍ତି। କଥାରେ ଅଛି-ମକର ସଂକ୍ରାନ୍ତି ପ୍ରାତଃ କାଳରେ ସ୍ନାନ କରି ସୂର୍ଯ୍ୟଙ୍କୁ ଉପାସନ ପରେ ଦୁଃଖୀ ରଙ୍କିଙ୍କୁ କଞ୍ଚା ଖେଚୁଡ଼ି, ଘିଅ, ଲୁଣ, ପାମ୍ପଡ଼ ଓ ତିଳ ତିଆରି ଲଡ୍ଡୁ ତଥା ଅନ୍ୟାନ୍ୟ କଞ୍ଚା ଓ କଚ୍ଚା ଜିନିଷ ଦାନ କଲେ ଅଶେଷ ପୁଣ୍ୟ ହୁଏ।

ଓଡ଼ିଶାର ମହାନ୍ତ ସଂପ୍ରଦାୟର 'ଟୁସୁ' ପର୍ବ ଏହି ମକର ସଂକ୍ରାନ୍ତିର ପର୍ବ ଅଟେ। ଦକ୍ଷିଣ ଭାରତର ତାମିଲନାଡୁରେ ପାଳିତ ହେଉଥିବା ପୋଙ୍ଗଲ ମଧ୍ୟ ମକର ସଂକ୍ରାନ୍ତିର ପର୍ବ। ପଞ୍ଜାବରେ ପାଳିତ ହେଉଥିବା ଲୋହରୀ ଓ ଗୁମ୍ଫି ପର୍ବମାନ ମକର ସଂକ୍ରାନ୍ତିର ପର୍ବ। ଏହା ପ୍ରତିବର୍ଷ ଜାନୁୟାରୀ ୧୪ତାରିଖରେ ପାଳିତ ହୁଏ। ଏହିଦିନ ବିଭିନ୍ନ ଶୈବ୍ୟ ପିଠରେ ଯେଉଁ ମେଳା ଅନୁଷ୍ଠିତ ହୁଏ ତାହାକୁ ମଧ୍ୟ ମକର ମେଳା କୁହାଯାଏ। ଓଡ଼ିଶାର ଅତ୍ରି ହଟକିଶୋରଙ୍କର ମକରମେଳା, ଏକ ଉଲ୍ଲେଖନୀୟ ମେଳା ଅଟେ।

**ବିପିନବିହାରୀ ମହାନ୍ତି**
*ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ବିକାଶ ନଗର, ଜଟଣୀ, ଖୋର୍ଦ୍ଧା। ମୋ: ୯୯୩୮୩୪୪୧୩୮*

# ଫକୀରମୋହନଙ୍କ ପୂର୍ବଜଙ୍କ ଜନ୍ମସ୍ଥାନକୁ ନେଇ ଏବେବି ପ୍ରଶ୍ନବାଚୀ !



ଓଡ଼ିଆ ଭାଷା-ସାହିତ୍ୟ ବିଲୋପ ଚକ୍ରାନ୍ତକୁ ପଣ୍ଡ କରିବା ସହିତ ଓଡିଆ ଭାଷାକୁ ସୁରକ୍ଷା ଦେବାପାଇଁ ଯେଉଁ କେତେଜଣ ଯୋଗଜନ୍ମା ସାରସ୍ୱତ ସାଧକ ଅଣ୍ଟାଭିଡି ଆଗେଇ ଆସିଥିଲେ ସେମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ଥିଲେ ବ୍ୟାସକବି ଫକୀରମୋହନ ସେନାପତି । ସେଥିପାଇଁ ଓଡିଆ ଜାତି ତାଙ୍କ ନିକଟରେ ଚିରକୃତଜ୍ଞ । ଏକାଧାରାରେ ସେ ଥିଲେ ଜଣେ ବଳିଷ୍ଠ ରାଜସ୍ୱ ପ୍ରଶାସକ, କୃତୀ ଶିକ୍ଷକ, ସମାଜ ସଂସ୍କାରକ ତଥା ସର୍ବୋପରି ଓଡ଼ିଆ ଗଦ୍ୟ ସାହିତ୍ୟର ଆଦ୍ୟ ପ୍ରବର୍ତ୍ତକ । ଯଦିଓ ଫକୀରମୋହନ ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀଚାଳନା କରି ପ୍ରଭୂତ ଯଶର ଅଧିକାରୀ ହୋଇଥିଲେ, ତଥାପି ଗଦ୍ୟ ସାହିତ୍ୟ, ବିଶେଷ କରି ଗଳ୍ପ ଓ ଉପନ୍ୟାସ ରଚନା କ୍ଷେତ୍ରରେ ସେ ଅପ୍ରତିଦ୍ୱନ୍ଦ୍ୱୀ ସ୍ରଷ୍ଟା ରୂପେ ମଧ୍ୟ ଅଦ୍ୟାପି ବିଦ୍ୟମାନ ।



ଓଡ଼ିଆ ସାହିତ୍ୟର ସେନାପତି ଫକୀରମୋହନ ସେନାପତିଙ୍କ ଜନ୍ମସ୍ଥାନ ଥିଲା ବାଲେଶ୍ୱର ସହର ଉପକଣ୍ଠ ମଲ୍ଲିକାଶପୁର ଗ୍ରାମ । ମସିହା ଥିଲା ୧୮୪୩, ତାରିଖ ଥିଲା ଜାନୁୟାରୀ ୧୩। ତାଙ୍କ ପିତାଙ୍କ ନାମ ଲକ୍ଷ୍ମଣ ଚରଣ ସେନାପତି ଓ ମାତାଙ୍କ ନାମ ତୁଳସୀ ଦେଈ। ମାତ୍ର ଫକୀରମୋହନଙ୍କ ପୂର୍ବସୂରୀମାନଙ୍କ ଜନ୍ମସ୍ଥାନ ଥିଲା କେନ୍ଦ୍ରାପଡା ସବ୍‌ଡିଭିଜନ ଅନ୍ତର୍ଗତ କୋସିଦା ଗ୍ରାମରେ। ଉକ୍ତ ତଥ୍ୟ ଫକୀରମୋହନଙ୍କ ସ୍ୱରଚିତ 'ଆତ୍ମଜୀବନୀ'ରେ ସ୍ଥାନିତ ହୋଇଛି । ଫକୀରମୋହନ ନିଜେ ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି, ତାଙ୍କ ପୂର୍ବପୁରୁଷ ହନୁମଲ୍ଲ କେନ୍ଦ୍ରାପଡାରୁ ଆସି ବାଲେଶ୍ୱର ସହର ସନ୍ନିକଟ ମଲ୍ଲିକାଶପୁରରେ ବସତି ସ୍ଥାପନ କରିଥିଲେ ଏବଂ ସେ ସେନାବାହିନୀରେ କାର୍ଯ୍ୟ କରୁଥିଲେ। ଆକ୍ରମଣକାରୀ ସେନାବାହିନୀଙ୍କୁ ବୁଢାବଳଙ୍ଗ ନଦୀତଟରେ ଆଗୁଳିବା ଥିଲା ତାଙ୍କର ପ୍ରମୁଖ କାର୍ଯ୍ୟ । ମାତ୍ର ହନୁମଲ୍ଲ ମରାଠାମାନଙ୍କ ପକ୍ଷରୁ କିମ୍ବା ବଙ୍ଗଳାର ଆଫଗାନମାନଙ୍କ ପକ୍ଷରୁ ନିଯୁକ୍ତି ପାଇଥିଲେ ତାହାକୁ ଆତ୍ମଜୀବନୀଟିରେ ସ୍ପଷ୍ଟ ଉଲ୍ଲେଖ କରିନାହାନ୍ତି । ଫକୀରମୋହନ ଏକଥା ମଧ୍ୟ ଲେଖିଛନ୍ତି, ମୋର ପୂର୍ବପୁରୁଷ ହନୁମଲ୍ଲ କେନ୍ଦ୍ରାପଡାର କୋସିଦା ଗ୍ରାମରୁ ଆସି ବାଲେଶ୍ୱରଠାରେ ବସତି ସ୍ଥାପନ କରିଥିଲେ। ବାଲେଶ୍ୱରରେ ସ୍ଥାୟୀଭାବେ ବାସ କରିବା ପରେ ବ୍ୟାସକବିଙ୍କ ପୂର୍ବସୂରୀଙ୍କ ସଂଜ୍ଞା 'ମଲ୍ଲ' ପରିବର୍ତ୍ତେ 'ସେନାପତି'କୁ ରୂପାନ୍ତରିତ ହୋଇଥିଲା ।

ଫକୀରମୋହନଙ୍କ ସାହିତ୍ୟକୃତି ଉପରେ ଅନେକ ଆଲୋଚନା ଓ ସମାଲୋଚନା ଗବେଷକମାନଙ୍କ ଦ୍ୱାରା ଲିଖିତ ହୋଇସାରିଛି ଏବଂ ଏବେ ମଧ୍ୟ ଲେଖା ଚାଲିଛି । ଚାରିଟି ଉପନ୍ୟାସ ଓ କୋଡିଏଟି ଗଳ୍ପ ଅତ୍ୟନ୍ତ ସ୍ୱଚ୍ଛ ହେଲେ ମଧ୍ୟ ଓଡ଼ିଆ ସାହିତ୍ୟରେ ଏପରି ବିରଳ ରଚନା ଏଯାବତ୍ ରଚିତ ହୋଇପାରିନାହିଁ । ତାଙ୍କର ପ୍ରତ୍ୟେକ ଗଦ୍ୟ ରଚନା ସ୍ୱତନ୍ତ୍ର ଶ୍ରେଣିର । ଲଛମା, ମାମୁଁ, ପ୍ରାୟଶ୍ଚିତ ଓ ଛମାଣ ଆଠଗୁଣ୍ଠ ପରି ଉପନ୍ୟାସ, ଗଳ୍ପସ୍ୱଳ୍ପ (୧ମ ଓ ୨ୟ ଭାଗ)ରେ ସଙ୍କଳିତ କୋଡିଏଟି ଗଳ୍ପ, ଆତ୍ମଜୀବନୀ ଓ 'ଉତ୍କଳ ଭ୍ରମଣ' ପରି ବ୍ୟଙ୍ଗକାବ୍ୟ ପାଇଁ ସେ ଓଡ଼ିଆ ଜନମାନସରେ ସ୍ମରଣୀୟ ହୋଇ ରହିଛନ୍ତି ଓ ରହିଥିବେ ମଧ୍ୟ । ବିଶେଷକରି ଫକୀରମୋହନଙ୍କ ରଚିତ ରେବତୀ, ଡାକ ମୁନ୍‌ସୀ, ପେଟେଣ୍ଟ ମେଡିସିନ୍, ସଭ୍ୟ ଜମିଦାର, ରାଣ୍ଡିପୁଅ ଅନନ୍ତା ଗଳ୍ପର ଲୋକପ୍ରିୟତା ଏବେବି ହ୍ରାସ ପାଇନାହିଁ। କାଳର କଷଟି ପଥରରେ ସେଗୁଡିକ ପରୀକ୍ଷିତ, ଏଥିରେ କୌଣସି ଦ୍ୱିରୁକ୍ତି ନାହିଁ।

ଏଠାରେ ସୂଚନାଯୋଗ୍ୟ ଯେ, ବର୍ତ୍ତମାନ କେନ୍ଦ୍ରାପଡା ଜିଲ୍ଲାରେ କୋସିଦା ବୋଲି କୌଣସି ଗ୍ରାମ ନାହିଁ । 'କୋସିଦା' ନାମରେ ବର୍ତ୍ତମାନ ଦୁଇଟି ଗ୍ରାମ ଅଛି । ଗୋଟିଏ ଗରଦପୁର ବ୍ଲକ୍‌ର କୋସିଦା ଏବଂ ଅନ୍ୟଟି ହେଉଛି ଡେରାବିଶି ବ୍ଲକ୍ ଅନ୍ତର୍ଗତ ଖମୋଳ ଗ୍ରାମ ନିକଟସ୍ଥ କୋସିଦା ଗ୍ରାମ । ତେବେ କେଉଁ କୋସିଦା ଗ୍ରାମ ବ୍ୟାସକବିଙ୍କ ପୂର୍ବସୂରୀମାନଙ୍କ ଜନ୍ମସ୍ଥାନ ? ପାଟକୁରା ନିର୍ବାଚନ ମଣ୍ଡଳୀର ଗରଦପୁର ବ୍ଲକ୍ ଅନ୍ତର୍ଗତ କୋସିଦା ଗ୍ରାମ ନା ଡେରାବିଶି ବ୍ଲକ୍‌ର କୋସିଦା ଗ୍ରାମ ? ଏ ସମ୍ପର୍କରେ ପ୍ରାଧ୍ୟାପକ ନୀରେଦ ଦାସ 'ମାଟି ମହକ' ପତ୍ରିକାରେ ପ୍ରକାଶିତ ତାଙ୍କ ନିବନ୍ଧରେ ଫକୀରମୋହନଙ୍କ ପୂର୍ବଜଙ୍କ ଜନ୍ମସ୍ଥାନ ଗରଦପୁର ବ୍ଲକର କୋସିଦା ଗ୍ରାମ ବୋଲି ଉଲ୍ଲେଖ କରିଥିଲା ବେଳେ ଅନ୍ୟଜଣେ ଗବେଷକ ବାସୁଦେବ ଦାସ ତାଙ୍କ ପୂର୍ବଜଙ୍କ ଜନ୍ମସ୍ଥାନ ଡେରାବିସ ବ୍ଲକ କୋସିଦା ଗ୍ରାମ ବୋଲି ଦାବି କରିଛନ୍ତି। ନିଜେ ଫକୀରମୋହନ ଏ ସମ୍ପର୍କରେ ସ୍ପଷ୍ଟ ସୂଚନା ତାଙ୍କ ଆତ୍ମଜୀବନୀରେ ଦେଇନାହାଁନ୍ତି । ସେହି କାରଣଟି ହେଲା, କୋସିଦା ଗ୍ରାମଟି କେଉଁ 'ପ୍ରଗନ୍ନା'ରେ ଅବସ୍ଥିତ, ସେ ସମ୍ପର୍କରେ ତାଙ୍କ ଆତ୍ମଜୀବନୀରେ କିଛି ଉଲ୍ଲେଖ ନାହିଁ ।

ଐତିହାସିକ ସୂଚନା ଅନୁସାରେ 'ପ୍ରଗନ୍ନା' ପରି ଏକ ଭୌଗୋଳିକ ଭୂଖଣ୍ଡର ସୃଷ୍ଟିକର୍ତ୍ତା ହେଉଛନ୍ତି ମୋଗଲ ସମ୍ରାଟ ଆକବରଙ୍କ ବିଶିଷ୍ଟ ପାରିଷଦ ରାଜସ୍ୱ ସଚିବ ତୋଡରମଲ୍ଲ । ଆବୁଲ ଫାଜଲଙ୍କ ରଚିତ, 'ଆଇନ-ଇ-ଆକବରୀ' ଗ୍ରନ୍ଥରେ ଏହାର ଯଥେଷ୍ଟ ପ୍ରମାଣ ରହିଛି । ଇତିହାସରୁ ପ୍ରମାଣ ମିଳେ, ୧୫୯୨ ଖ୍ରୀଷ୍ଟାବ୍ଦରେ ମୋଗଲ ସେନାପତି ମାନ୍‌ସିଂ ଓଡ଼ିଶାରେ ଆଫଗାନ ରାଜତ୍ୱ ଲୋପକରି ଓଡ଼ିଶାକୁ ଏକ ସ୍ୱତନ୍ତ୍ର ସୁବା (ଏବର ପ୍ରଦେଶ)ରେ ପରିଣତ କରିଥିଲେ । ବାରବାଟୀ ଦୁର୍ଗକୁ ଶାସନକେନ୍ଦ୍ର କରି ଓଡ଼ିଶାର ଗଡଜାତ ରାଜ୍ୟର ଭୂଖଣ୍ଡକୁ ଛାଡି, ଅବଶିଷ୍ଟ ଓଡ଼ିଶାର ଭୂଖଣ୍ଡକୁ ମୋଗଲମାନେ ରାଜସ୍ୱ ପ୍ରଶାସନ ଦୃଷ୍ଟିରୁ ବିଭିନ୍ନ 'ବିଶି', 'ଖଣ୍ଡ', 'ପ୍ରଗନ୍ନା' ଓ 'ତାଲୁକ' ପ୍ରଭୃତି ଭୌଗୋଳିକ ଭୂଖଣ୍ଡରେ ବିଭକ୍ତ କରି 'ମୋଗାଲ ବନ୍ଦୀ' ଅଞ୍ଚଳ ରୂପେ ଶାସନ କରି କର ଆଦାୟ କରୁଥିଲେ । ଏହି 'ପ୍ରଗନ୍ନା'ଗୁଡିକୁ ବିଭିନ୍ନ 'ତାଲୁକ'ରେ ବିଭକ୍ତ କରାଯାଇଥିଲା। ଆଲୋଚ୍ୟ ଦୁଇଟି କୋସିଦା ଗ୍ରାମରୁ ଗରଦପୁର ବ୍ଲକ୍ ଅନ୍ତର୍ଗତ କୋସିଦା ଗ୍ରାମଟି 'ଶୁକୁନଈ' ପ୍ରଗନ୍ନାରେ ଅନ୍ତର୍ଭୁକ୍ତ ଥିବାବେଳେ ଡେରାବିଶି ବ୍ଲକ୍‌ର କୋସିଦା ଗ୍ରାମଟି ଅସୁରେଶ୍ୱର ପ୍ରଗନ୍ନାରେ ଅନ୍ତର୍ଭୁକ୍ତ ଥିଲା। ଫକୀରମୋହନ ତାଙ୍କ ଆତ୍ମଚରିତରେ କେଉଁ ପ୍ରଗନ୍ନା ଅନ୍ତର୍ଗତ କୋସିଦା ଗ୍ରାମ ଥିଲା, ତାହା ଆଦୌ ଉଲ୍ଲେଖ କରିନାହାନ୍ତି । ଯଦି ଫକୀରମୋହନ 'ପ୍ରଗନ୍ନା' ନାମଟିକୁ ତାଙ୍କ ଆତ୍ମଚରିତରେ ଉଲ୍ଲେଖ କରିଥା'ନ୍ତେ, ତେବେ ଆଜି ତାଙ୍କ ପୂର୍ବସୂରୀଙ୍କ ବାସସ୍ଥାନକୁ ଚିହ୍ନଟ କରିବା ପାଇଁ ଦ୍ୱନ୍ଦ୍ୱର ଅବକାଶ ନଥାନ୍ତା ।

ଆଜି ବ୍ୟାସକବିଙ୍କ ୧୭୭ତମ ଜୟନ୍ତୀ ପାଳନ ଅବସରରେ ଅନେକ କଥା ମନେପଡୁଛି। ଏହି ଅବସରରେ ଓଡିଆ ଭାଷା ସାହିତ୍ୟର ଯଥାର୍ଥ ସେନାପତି ଫକୀରମୋହନଙ୍କ ପୂର୍ବସୂରୀଙ୍କ ଭିଟାମାଟି କେଉଁଠି ସେ ସମ୍ପର୍କରେ ଅଧିକରୁ ଅଧିକ ଗବେଷଣାର ଆବଶ୍ୟକତା ରହିଛି। ଏ ଦିଗରେ ସାରସ୍ୱତ ଗବେଷକମାନେ ଉଦ୍ୟମ ଜାରି ରଖିଲେ ବ୍ୟାସକବିଙ୍କ ପୂର୍ବଜଙ୍କ ଜନ୍ମସ୍ଥାନ ସମ୍ପର୍କରେ ଯେଉଁ ଦ୍ୱନ୍ଦ୍ୱ ରହିଛି, ତାହା ଦୂର ହୋଇପାରିବ । ଏହାହିଁ ଏହି ଆଲେଖ୍ୟର ମୁଖ୍ୟ ଉଦ୍ଦେଶ୍ୟ।

**ହିମାଂଶୁଶେଖର ଆଚାର୍ଯ୍ୟ,** **ଅବସରପ୍ରାପ୍ତ ଅଧ୍ୟାପକ, ଆଦିକବି ସାରଳା ଦାସ ମହାବିଦ୍ୟାଳୟ, ତିର୍ତ୍ତୋଲ, ଜଗତସିଂହପୁର, ମୋ-୯୩୩୭୨୨୧୯୨୪**

## ସେନାପତି ସ୍ମରଣେ...



ସ୍ରଷ୍ଟା ଫକୀରମୋହନଙ୍କୁ
କେଉଁ ଭାଷାରେ
କିଏ ବର୍ଣ୍ଣିବ
କେଉଁ ରୂପରେ
କିପରି ଆଙ୍କିବ
କେଉଁ ଶବ୍ଦରେ
ପ୍ରକାଶ କରିହେବ ?
ସେ ପରା
ଓଡ଼ିଆ କଥାସାହିତ୍ୟର
ବ୍ୟାସଦେବ
ତାଙ୍କୁ କ'ଣ
ଭାଷାରେ ରୂପରେ ଶବ୍ଦରେ
ପ୍ରକାଶ କରିହେବ ?
କେଉଁ କଥା ଲେଖିହେବ
କେଉଁ କଥାକୁ ଛାଡ଼ି
ତାଙ୍କୁ ସଂପୂର୍ଣ୍ଣ ବୁଝେଇ ହେବ
ଏ ଦ୍ୱନ୍ଦ୍ୱରେ ଖାଲି
ଘାଣ୍ଟି ହେବା ସାର ହେବ ।
କାରଣ ତାଙ୍କୁ ବର୍ଣ୍ଣିବାକୁ
ଭାଷା ନାହିଁ
ତାଙ୍କୁ କେବଳ
ପ୍ରଜ୍ଞା, ପ୍ରଶାନ୍ତି
ଓ ନିବିଡ଼ତାର କ୍ଷେତ୍ରରେ
ଅନୁଭବ କରିହେବ ।
କାରଣ ପ୍ରତିକୂଳ ପରିବେଶରେ
ନିଜର ଅସାମାନ୍ୟ
ପରାକାଷ୍ଠା ପ୍ରଦର୍ଶନ
କିପରି କରିହୁଏ
ସ୍ରଷ୍ଟାଙ୍କ ଜୀବନଧାରାରୁ
ତାହା ବୁଝିହେବ ।
ତାଙ୍କ ପ୍ରତ୍ୟେକ ସୃଷ୍ଟିରୁ
ଜୀବନର ଅନ୍ତଃସ୍ଥଳକୁ
ଉଦ୍‌ଘାଟିତ କରି
ଜୀବନର ନିଛକ ବାସ୍ତବତାକୁ
ଉପଲବ୍ଧ କରିହେବ ।
ସାହିତ୍ୟ ସୃଷ୍ଟିରେ
ସ୍ରଷ୍ଟାଙ୍କ ଆନ୍ତରିକତା
ଆଉ ନିବିଡ଼ତାକୁ
ଅନୁଭବ କରି
ଅପୂର୍ବ ସର୍ଜ୍ଜନାଶକ୍ତିରେ ଭରା
ତାଙ୍କ ସୃଷ୍ଟିବଳୟରୁ
ସମାଜ ପାଇଁ କିଛି କରିବାର
ବ୍ୟାକୁଳତାକୁ ବାରିହେବ ।
ତାଙ୍କ ସୃଷ୍ଟି ବଳୟରେ
ନିଷ୍ପେଷିତ ଜନତାକୁ
ଆଦର ସହ ସାଉଁଟି ନେଇ
କଳାରାଜ୍ୟରେ
ପ୍ରତିଷ୍ଠିତ କରାଇଥିବା
ସତ୍ୟକୁ ଅନୁଭବ କରିହେବ ।
ଏପରିକି
ସ୍ରଷ୍ଟାଙ୍କ ସମସ୍ତ ସୃଷ୍ଟିରୁ
ପରିବର୍ତ୍ତିତ ପୃଥିବୀର
ଏକ ନିଛକ ସତ୍ୟକୁ
ଉପସ୍ଥାପିତ କରିହେବ ।
ଏପରି ସ୍ରଷ୍ଟାଙ୍କୁ
କିପରି ବର୍ଣ୍ଣିହେବ
ଏକ ମହତର ଦ୍ୟୁତିରେ
ଜୀବସତ୍ତାକୁ ଉଦ୍‌ଭାସିତ କରିବାକୁ
ବ୍ୟାକୁଳିତ ଏହି ସ୍ରଷ୍ଟାଙ୍କୁ
କେବଳ ମାନବରୁ ମାଧବରେ
ରୂପାନ୍ତରିତ କରିହେବ ।

**ଡକ୍ଟର ମନୋରଞ୍ଜନ ବିଷୋୟୀ,** ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଫୋନ୍: ୮୮୯୫୧୪୧୭୨୭

## ପ୍ରଜ୍ଞାପନ ମେଢ ପାଇଁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ସାକ୍ଷାତ କଲା ଉତ୍କଳ ସମ୍ମିଳନୀ



ଭୁବନେଶ୍ୱର (ପିଏନ୍): ଆସନ୍ତା ୨୬ ତାରିଖରେ ସାଧାରଣତନ୍ତ୍ର ଦିବସରୁ ଓଡିଶାର ପ୍ରଜ୍ଞାପନ ମେଢକୁ ଉଦ୍ଦେଶ୍ୟମୂଳକ ଭାବେ ବାଦ୍ ଦେଇଥିବା ଅଭିଯୋଗ କରି ଉତ୍କଳ ସମ୍ମିଳନୀର ଏକ ପ୍ରତିନିଧି ମଣ୍ଡଳୀ ମାନ୍ୟବର ରାଜ୍ୟପାଳଙ୍କୁ ସାକ୍ଷାତ କରି ମହାମାନ୍ୟ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ନିକଟରେ ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବରେ ମାନ୍ୟତା ଦେବା ପାଇଁ ଦାବି ଜୋର ଧରିଥିବା ବେଳେ ପାଇକ ବିଦ୍ରୋହ ଓ ବକ୍ସି ଜଗବନ୍ଧୁ ମଡେଲକୁ ଜାତୀୟ ସାଧାରଣତନ୍ତ୍ର ଦିବସରେ ସାମିଲ କରାଇ ନଦେବା ପାଇଁ ଷଡଯନ୍ତ୍ର ହୋଇଥିବାର ସ୍ପଷ୍ଟ ହୋଇଛି ବୋଲି ମାନ୍ୟବର ରାଜ୍ୟପାଳ ଶ୍ରୀଯୁକ୍ତ ଗଣେଶୀ ଲାଲଙ୍କୁ ପ୍ରତିନିଧି ମଣ୍ଡଳିର ନେତୃତ୍ୱ ନେଇଥିବା ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ବୁଝାଇଥିଲେ । ମାନ୍ୟବର ରାଜ୍ୟପାଳ ଏହା ବୁଝିବା ପରେ ଉଚିତ ପଦକ୍ଷେପ ଗ୍ରହଣ କରିବା ସହିତ ମହାମହିମ ରାଷ୍ଟ୍ରପତିଙ୍କ ଦୃଷ୍ଟିକୁ ଅଣାଯିବ ବୋଲି କହିଥିଲେ । ଉତ୍କଳ ସମ୍ମିଳନୀର ଏହି ପ୍ରତିନିଧି ମଣ୍ଡଳୀରେ ଶ୍ରୀ ଦାଶଶର୍ମାଙ୍କ ସହିତ ଉପ-ସଭାପତି ଶିତଳ ମହାନ୍ତି ଓ ଯୁଗ୍ମ-ସମ୍ପାଦକ ସିଧାର୍ଥ ଶଙ୍କର ଗଡନାୟକ ରାଜ୍ୟପାଳଙ୍କୁ ସାକ୍ଷାତକରି ଆଲୋଚନା କରିଥିଲେ ।

## ପ୍ରଭାତ ମଞ୍ଜରୀଙ୍କ ୧୬ତମ ସ୍ମୃତିସମ୍ମାନ ଉତ୍ସବ



ଭୁବନେଶ୍ୱର (ପିଏନ୍): ଲକ୍ଷ୍ମୀସାଗରସ୍ଥିତ ବିଡ଼ିଏ କଲୋନୀ ଟାଉନହଲ ଠାରେ ୧୬ତମ ସ୍ୱର୍ଗତା ପ୍ରଭାତ ମଞ୍ଜରୀ ସ୍ମୃତି ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଶ୍ରୀ ପ୍ରଦୋଷ କୁମାର ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ସ୍ୱାମୀ ଜଗନ୍ନାଥ ନନ୍ଦ ଏବଂ ସମ୍ମାନିତ ବକ୍ତା ଭାବେ କାଳୀଚରଣ ଦାସ, ବଳରାମ ରାୟ, ଶୁଭ୍ରାଂଶୁ ମହାନ୍ତି ପ୍ରମୁଖ ଯୋଗଦେଇ ସମାଜ ପ୍ରତି ଥିବା ସ୍ୱର୍ଗତ ମହାନ୍ତିଙ୍କ ଅବଦାନ ବିଷୟରେ ଆଲୋକପାତ କରିଥିଲେ। ସ୍ୱର୍ଗତା ମହାନ୍ତି ଜଣେ ମହିୟସୀ ମହିଳା ଓ ପରୋପକାରୀ, ସ୍ନେହୀ ଓ ଅମାୟିକ ମହିଳା ଥିଲେ। ବିଶେଷକରି ଛାତ୍ରଛାତ୍ରୀଙ୍କ ପ୍ରତି ଥିବା ସ୍ନେହ ଓ ଆଶୀର୍ବାଦ ପାଇଁ ସେ ଚିରସ୍ମରଣୀୟ ହୋଇ ରହିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଶ୍ରୀ ପଟ୍ଟନାୟକ କାଳୀଚରଣ ଦାସଙ୍କୁ ପ୍ରଭାତ ମଞ୍ଜରୀ ସମ୍ମାନରେ ସମ୍ମାନିତ କରିଥିଲେ ଏବଂ ବଳରାୟ ରାୟଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଉତ୍ସବକୁ ଜ୍ଞାନ ରଞ୍ଜନ ନାୟକ ସଂଯୋଜନା କରିଥିବା ବେଳେ ଅଭିପ୍ସା ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିଶୁଶିଳ୍ପୀ ଆରିଭ ନୃତ୍ୟ ପରିବେଷଣ କରିଥିଲେ। ବୀରେନ ମହାନ୍ତି, ଉତ୍ପଳା ମହାନ୍ତି ଓ ଶର୍ମିଳା ମହାନ୍ତି ପ୍ରମୁଖଙ୍କ ସହଯୋଗରେ ଉତ୍ସବଟି ବେଶ ସାଫଲ୍ୟମଣ୍ଡିତ ହୋଇପାରିଥିଲା।

## ପ୍ରାକ୍ତନ ସରପଂଚ ଗଙ୍ଗାଧର ମହାରଥାଙ୍କ ବିୟୋଗରେ ଶୋକ



ଚଣ୍ଡିଖୋଲ (ପି.ଏନ୍)-ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ଅଣକା ପଂଚାୟତର ପ୍ରାକ୍ତନ ସରପଂଚ ଗଙ୍ଗାଧର ମହାରଥାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ବ୍ୟକ୍ତ କରାଯାଇଛି। ସ୍ୱର୍ଗତ ମହାରଥା ଅଣକା ପଂଚାୟତର ସମସ୍ତ ଗ୍ରାମର ସେବା କରିବା ମନୋବୃତିରେ ସେ ପ୍ରିୟପାତ୍ର ହୋଇପାରିଥିଲେ। ଦେଶ ସ୍ୱାଧିନତା ସଂଗ୍ରାମରେ ମଧ ନିଜକୁ ଉତ୍ସର୍ଗ କରିଥିଲେ। ସେ ମଧ ଅଣକା ପଂଚାୟତର ସରପଂଚ ପଦ ଗ୍ରହଣ କରି ଲୋକପ୍ରିୟତା ଅର୍ଜନ କରିଥିବାରୁ ତାଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର, ବିଧାୟକ ଅମର ପ୍ରସାଦ ଶତପଥୀ, ସୁପ୍ରିମ୍‌କୋର୍ଟର ଆଇନଜୀବୀ ଯଶୋବନ୍ତ ଦାସ, ଚିରରଂଜନ ମହାପାତ୍ର, ପ୍ରେସ୍ କ୍ଲବ୍ ଚଣ୍ଡିଖୋଲର ସଭାପତି ପ୍ରଦୀପ୍ତ କୁମାର ପରିଡ଼ା ଗଭିର ଶୋକ ପ୍ରକାଶ କରିଛନ୍ତି। ତାଙ୍କର ମର ଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଶଂଶ୍ମାନରେ ଶବ ସତ୍କାର କରାଯାଇଥିଲା। ଶବ ଶୋଭାଯାତ୍ରାରେ ଆଇନଜୀବୀ ପ୍ରବୋଧ ନାୟକ, ପ୍ରିୟକାନ୍ତ ନାୟକ, ଗୌରାଙ୍ଗ ପାଇକରାୟ, ପ୍ରକାଶ ଚନ୍ଦ୍ର ନାୟକ, ଅସିତ୍ କୁମାର ନାୟକ, ବସନ୍ତ କୁମାର ନାୟକ, ଇନ୍ଦ୍ରମଣି ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ତାଙ୍କର ପୁତ୍ର ପ୍ରଫୁଲ୍ଲ ଚନ୍ଦ୍ର ନାୟକ ମୁଖାଗ୍ନି ଦେଇଥିଲେ।

## ବାବା ଭୈରବାନନ୍ଦ ବ୍ରହ୍ମଚାରୀଙ୍କ ୩୮ତମ ଶ୍ରାଦ୍ଧୋତ୍ସବ ପାଳିତ

ଚଣ୍ଡିଖୋଲ (ପି.ଏନ୍)-ବାବା ଭୈରବାନନ୍ଦ ବ୍ରହ୍ମଚାରୀ ତାଙ୍କର ବାଲ୍ୟ କାଳରୁ ଗୁଜୁରାଟ ରାଜ୍ୟ ଛାଡ଼ି ଯାଜପୁର ଜିଲା ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ବାରୁଣାବନ୍ତ ପର୍ବତର ମଧ୍ୟ ଭାଗରେ ଅବସ୍ଥାନ କରି ମା ଚଣ୍ଡୀଙ୍କର ପୂଜା କରି ସାଧନା କରୁଥିଲେ। ସେଠାରେ ମା ଚଣ୍ଡୀଙ୍କର ମନ୍ଦିର ନିର୍ମାଣ କରାଇଥିବାରୁ ସେଠାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ପଂହଚିଥାନ୍ତି। ଆଜି ଚଣ୍ଡୀ ମନ୍ଦିର ସ୍ଥାନଟି ଏକ ପର୍ଯ୍ୟଟନ କ୍ଷେତ୍ର ଭାବରେ ପରିଗଣିତ ହେଉଅଛି। ଶ୍ରୀ ଚଣ୍ଡୀ ମାତା ମନ୍ଦିର ଟ୍ରଷ୍ଟ ପକ୍ଷରୁ ବାବାଙ୍କର ଶ୍ରାଦ୍ଧ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ବ୍ରାହ୍ମଣ ସନ୍ତୋଷ ପାଢ଼ୀ, ଆନନ୍ଦ ପଣ୍ଡା, ଦେବେନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ମା ଚଣ୍ଡୀଙ୍କର ପୂଜାର୍ଚ୍ଚନା ସାରି ବାବାଙ୍କ ସମାଧି ପୀଠ ଠାରେ ପଂହଚି ସେଠାରେ ମଧ୍ୟ ପୂଜାର୍ଚ୍ଚନା କରିଥିଲେ। ଶ୍ରୀ ଚଣ୍ଡୀମାତା ମନ୍ଦିର ଟ୍ରଷ୍ଟିର ସଭାପତି ସତ୍ୟ ରାୟ, ବ୍ରଜକିଶୋର ଜେନା, କମଳ ଚାନ୍ଦ ସୁଖାନି, ଆଇନଜୀବୀ ନରେନ୍ଦ୍ର କିଶୋର ମିଶ୍ର, ଡ଼ାକ୍ତର ସତ୍ୟକାମ ମିଶ୍ର, ସତ୍ୟବାନ ନାୟକ, ଶେଷ ଦେବ ନାୟକ, କୁଳମଣି ନାୟକ, ଆମ୍ଭର ଅଧ୍ୟକ୍ଷ ନିରଞ୍ଜନ ସେନାପତି, ପ୍ରାକ୍ତନ ସରପଂଚ ରଂଜନ ଦାସ, ପଣ୍ଡିତ ବିଜୟ କୁମାର କର ପ୍ରମୁଖ ଶ୍ରାଦ୍ଧୋତ୍ସବ କାର୍ଯ୍ୟରେ ସଂପୂର୍ଣ୍ଣ ଭାବେ ସହଯୋଗ କରି ସ୍ମୃତି ଚାରଣ ସଭା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ବିଜୟ କେତନ ସାମଲ, ଅଧ୍ୟାପକ ଡ଼ଃ ଦିଲିପ୍ କୁମାର ନାୟକ, ମନୋରଂଜନ ନାୟକ, ସାମ୍ବାଦିକ ଶିବରାମ ସାହୁ, ଅଧ୍ୟାପକ ସୁବ୍ରତ କୁମାର ସାହୁ, ଅଧ୍ୟାପକ ନିଶିକାନ୍ତ ଦାସ, ଆଇନଜୀବୀ ଦେବରାଜ ବେହେରା ପ୍ରମୁଖ ଯୋଗ ଦେଇଥିବା ସମୟରେ ୫ ଶହରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁମାନଙ୍କୁ ଅନ୍ନ ପ୍ରସାଦରେ ଅପ୍ୟାୟିତ କରିଥିଲେ।

## ଲାଲବାହାଦୂର ଉଚ୍ଚ ଶିକ୍ଷାଶ୍ରମର ପୁରାତନ ଛାତ୍ରଛାତ୍ରୀଙ୍କ ପରିବେଶ ସଚେତନତା କାର୍ଯ୍ୟକ୍ରମ



କେନ୍ଦ୍ରାପଡ଼ା (ପିଏନ୍): ଦିନକୁ ଦିନ ପରିବେଶ ପ୍ରଦୂଷଣ ବୃଦ୍ଧି ପାଉଥିବା ବେଳେ ଏହା ମାନବ ସମାଜ ପ୍ରତି ଗୁରୁତର ବିପଦ ସୃଷ୍ଟି କରିଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ପଞ୍ଚାୟତର ମେହେନ୍ଦିପୁରସ୍ଥିତ ଲାଲ ବାହାଦୂର ଉଚ୍ଚ ଶିକ୍ଷାଶ୍ରମର ୧୯୮୨ବ୍ୟାଚର ପୁରାତନ ଛାତ୍ରଛାତ୍ରୀମାନେ ଆଗେଇ ଆସିଛନ୍ତି ସମ୍ମିଳିତ ଭାବେ ଉଦ୍ୟମ କରି ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟ କରିବାକୁ। ଏହି ଉପଲକ୍ଷେ ପର୍ଯ୍ୟଟନସ୍ଥଳି ସଖୀବଟରେ ଏକ ବୈଠକ ଇଂ ତନୁଜ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଦିବଗଂତ ପୁରାତନ ଛାତ୍ରଛାତ୍ରୀମାନଙ୍କ ସ୍ମୃତିରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସୁଧାଂଶୁ କୁମାର ଦାସ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ପରିବେଶର ସୁରକ୍ଷା ନିମନ୍ତେ ଜନସଚେତନତା ସୃଷ୍ଟି କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପୁରାତନ ଛାତ୍ରୀ ମଞ୍ଜୁଶ୍ରୀ ନାୟକ ଓ ଛାତ୍ର ବାବାଜି ଚରଣ ମହାନ୍ତି ସ୍ୱରଚିତ କବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାମଚନ୍ଦ୍ର ରାଉତ, କସ୍ତୁରୀ ଜେନା, କମଳାକାନ୍ତ ମହାପାତ୍ର, ପୁଷ୍ପାରାଣୀ ନାୟକ, ପୁଷ୍ପଲତା ବିଶ୍ୱାଳ ପ୍ରମୁଖ ଯୋଗଦେଇ ପରସ୍ପର ବନ୍ଧୁତା, ଶ୍ରଦ୍ଧା, ବିଶ୍ୱାସ ଓ ଭଲପାଇବା ହିଁ ସମସ୍ତଙ୍କୁ ଏକାଠି କରି ରଖିପାରିବ ବୋଲି ମତବ୍ୟକ୍ତ କରିଥିଲେ। କବିତା ଆବୃତ୍ତି, ନୈଶଭୋଜି, ଭାବ ବିନିମୟ ଓ ହସଖୁସିର ଆସର ମଧ୍ୟରେ ସମସ୍ତ ପୁରାତନ ଛାତ୍ରଛାତ୍ରୀମାନେ ସମୟ ଅତିବାହିତ କରିଥିଲେ। ପୁରୀରୁ ମଗାଯାଇଥିବା ମହାପ୍ରସାଦକୁ ସମସ୍ତଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ପ୍ରତ୍ୟେକ ବର୍ଷ ଡିସେମ୍ବର ମାସ ଶେଷ ସପ୍ତାହରେ ସମସ୍ତେ ଏକାଠି ହେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପର୍ଯ୍ୟଟନ ସ୍ଥଳି ସଖୀବଟର ସ୍ଥାୟୀ ବିକାଶ, ରାସ୍ତା ନିର୍ମାଣ ଓ ଏକ ଆକର୍ଷଣୀୟ ପୀଠ ଭାବେ ଗଢି ତୋଳିବାକୁ ପରିଚାଳନା କମିଟିର ସଭାପତି ନିରଞ୍ଜନ ସାହୁ ଏବଂ ସ୍ଥାନୀୟ ସମାଜସେବୀ ରଞ୍ଜନ କୁମାର ମହାନ୍ତିଙ୍କ ସହ ଆଲୋଚନା କରାଯାଇଥିଲା। ସୁଧାଂଶୁ କୁମାର ଦାସ କାର୍ଯ୍ୟକ୍ରମ ସଂଚାଳନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।




# ସନ୍‌ରାଇଜ୍ ବ୍ୟାଡ଼ମିଣ୍ଟନ କ୍ଲବ ବମିଖାଲ, ଶହିଦନଗର, ଭୁବନେଶ୍ୱରରର ବାର୍ଷିକ ଚମ୍ପିଆନ ଟ୍ରଫି ପ୍ରତିଯୋଗୀତା



ଭୁବନେଶ୍ୱର : ସନ୍‌ରାଇଜ ବ୍ୟାଡ଼ମିଣ୍ଟନ କ୍ଲବର ବାର୍ଷିକ ବ୍ୟାଡ଼ମିଣ୍ଟନ ଚମ୍ପିଆନ ଟ୍ରଫି ପ୍ରତିଯୋଗୀତା ଗତ ଦୁଇଦିନ ଧରି ଲକ୍ଷ୍ମୀସାଗରସ୍ଥିତ ଇନ୍‌ଡ଼ୋର ଷ୍ଟାଡ଼ିୟମରେ ଅନୁଷ୍ଠିତ ହୋଇଯାଇଛି । ଆଜି ଶେଷ ଦିବସରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କର ପୂର୍ବତନ ମୁଖ୍ୟସଚିବ ଶ୍ରୀ ଯୁଗଳ କିଶୋର ମହାପାତ୍ର ଏବଂ ଆନ୍ତର୍ଜାତିକ ସ୍ୱର୍ଣ୍ଣ ପଦକ ବିଜେତା ଶ୍ରୀ ଦୀପକ ରଂଜନ ବିଶୋଇ, ଭୁବନେଶ୍ୱର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଆଜିକାର ପ୍ରତିଯୋଗିତାର ଶ୍ରୀ କେଶବ ଚନ୍ଦ୍ର ପ୍ରଧାନ ଓ ଗୌତମ ରାଉତ ଚମ୍ପିଆନସ୍ ଟ୍ରଫି ବିଜୟ କପ୍ ହାସଲ କରିଥିଲାବେଳେ, ଶ୍ରୀ ଲାଲ ପ୍ରକାଶ ବିଶ୍ୱାଳ ଓ ଏମ୍ ସିଧିକ ରନରସ୍ କପ ହାସଲ କରିଥିଲେ । ଉକ୍ତ ବାର୍ଷିକ ପ୍ରତିଯୋଗୀତାରେ ୧୮ଟି ଟମ୍ ଭାଗନେଇଥିଲେ । ଉକ୍ତ ସଭାରେ କ୍ଲବର ସଭାପତି ଶ୍ୟାମ ସୁନ୍ଦର ମହାପାତ୍ର ସଭାପତିତ୍ୱ କରିଥିଲେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ତଥା ଟୁର୍ଣ୍ଣାମେଣ୍ଟ ବୈଷୟିକ କମିଟିର ଆବାହକ ଶ୍ରୀ ମହେଶ ଜେଠାଲିଆ, ଶ୍ରୀ ଦେବବ୍ରତ ଦାସ, ଶ୍ରୀ ଦେବେଶ ଅଧିକାରୀ, ଶ୍ରୀ ବାଲାଜି ପାତ୍ର, ଶ୍ରୀ ସୋଭନ ପ୍ରଧାନ, ଶ୍ରୀ ସରୋଜ ପାତ୍ର, ଶ୍ରୀ ସଞ୍ଜୟ କୁମାର ଜେନା, ଶ୍ରୀ ପ୍ରିୟଦର୍ଶନୀ ଦାସ, ଶ୍ରୀ ମୋହନ ସେଠୀ, ଶ୍ରୀ ଅଶୋକ ସୋନି, ଶ୍ରୀ ଆନନ୍ଦ ଚନ୍ଦ୍ର ଦ୍ୱିବେଦୀ, କୁମାରୀ ସୁଦିପ୍ତା ପରିଡ଼ା ଆୟୋଜନ କରିଥିଲେ । କୃତିଖେଳାଳି ମାନଙ୍କୁ ଓଡ଼ିଶାର ପୂର୍ବତନ ମୁଖ୍ୟ ସଚିବ ଶ୍ରୀ ମହାପାତ୍ର ଓ ଶ୍ରୀମହାପାତ୍ର ଓ ଶ୍ରୀ ଦିପ୍ରଞ୍ଜନ ବିଶୋଇ କପ୍ ପ୍ରଦାନ କରିଥିଲେ । ସନ୍‌ରାଇଜ ବ୍ୟାଡ଼ମିଣ୍ଟନ କ୍ଲବର ଏକସ୍ଥାୟୀ ଇନ୍‌ଡ଼ୋର ଷ୍ଟାଡ଼ିୟମ ନିର୍ମାଣ ପାଇଁ ସହଯୋଗ କରିବାକୁ ଶ୍ରୀ ମହାପାତ୍ର ପ୍ରତିଶ୍ରୁତି ଦେଇଥିଲେ ।

## ବିଜେଡିର ମିଶ୍ରଣ ପର୍ବ



ଧର୍ମଶାଳା, (ପିଏନ୍): ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ପ୍ରଭାବିତ ହୋଇ ଆଜି ଧର୍ମଶାଳା ନିର୍ବାଚନ ମଣ୍ଡଳୀର ତାଳଜଙ୍ଗ ଓ ସମ୍ପାରୁ ପଂଚାୟତର ଅନ୍ୟଦଳର କର୍ମୀମାନେ ବିଧିବଦ୍ଧ ଭାବେ ଆଜି ବିଜେଡିରେ ସାମିଲ ହୋଇଛନ୍ତି । ଆଜି ଅପରାହ୍ନରେ ଜାରକାସ୍ଥିତ ବିଜେଡି କାର୍ଯ୍ୟାଳୟଠାରେ ଧର୍ମଶାଳାର ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ଜୋନ ସଂଯୋଜକ ଦୁଶାସନ ସାହୁ, ପ୍ରହଲ୍ଲାଦ ଲେଙ୍କା ଏବଂ ବିକାଶ ଦାଶଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ଏହି ମିଶ୍ରଣ ପର୍ବରେ ୫୦ ରୁ ଉର୍ଦ୍ଧ୍ୱ କର୍ମୀ ଅନ୍ୟ ଦଳ ଛାଡି ଆଜି ବିଜେଡିରେ ସାମିଲ ହୋଇଥିଲେ । ସାମିଲ ହୋଇଥିବା ସମସ୍ତ କର୍ମୀମାନଙ୍କୁ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଉତରୀୟ ଦେଇ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଦଳର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ ।

## ଆଲିଆ ଭଟ୍ଟ ବ୍ଲେଣ୍ଡର୍ସ ପ୍ରାଇଡର ନୂତନ ବ୍ରାଣ୍ଡ ଆମ୍ବାସାଡାର




ଭୁବନେଶ୍ୱର, (ପି.ଏନ) : ବ୍ଲେଣ୍ଡର୍ସ ପ୍ରାଇଡ୍ ଆଲିଆ ଭଟ୍ଟଙ୍କୁ କ୍ୟାମ୍ପେନିଂ ଫିଲ୍ମ ''ମେଡ ଅଫ ପ୍ରାଇଡ୍'' ପାଇଁ ବ୍ରାଣ୍ଡଭାବରେ ଚିହ୍ନିତ କରିଛି । ଏଥିରେ ଆଲିଆ ଭଟ୍ଟଙ୍କର କଦାପି ହାର ନମାନିବାର ପ୍ରେରଣାକୁ ଉପସ୍ଥାପିତ କରାଯାଇଛି । ସର୍ବଦା ନିଜ ଉପରେ ବିଶ୍ୱାସ ରଖିବା ଉଚିତ୍ ଓ କଦାପି ନିଜକୁ କମ ମନେକରିବା ଉଚିତ ନୁହେଁ । ସଫଳତାର ଯାତ୍ରା ପଥରେ ଆମେ ସର୍ବଦା ଅନେକ ପ୍ରକାର ଆହ୍ୱାନ, ସମସ୍ୟା ଓ ସମାଲୋଚନାର ସମ୍ମୁଖୀନ ହୋଇ ଥାଉ ଯାହାକି ଜୀବନର ଏକଅଂଶ । ଏହାକୁ ଧ୍ୟାନ ନଦେଇ ଆମେ ଆମର ଲକ୍ଷ୍ୟ ପଥରେ ଅଗ୍ରସର ହେବା ଉଚିତ୍ । ଏହି ବର୍ଗରେ ଲିଡର ବ୍ଲେଣ୍ଡର୍ସ ପ୍ରାଇଡ଼ି ନିଜର ଏକ ସ୍ୱତନ୍ତ୍ର ସ୍ଥାନ ପ୍ରତିଷ୍ଠା କରିଛି । ଏହା ନିଜର ରିଫ୍ରେସିଂ ଟୋନ୍, ଉତ୍ସାହଜନକ କାର୍ଯ୍ୟଦ୍ୱାରା ଏକ ନୂତନ ଯାତ୍ରାର ଶୁଭାରମ୍ଭ କରିଛି । ଏହି ଫିଲ୍ମ ମାଧ୍ୟମରେ ଦର୍ଶକ ମାନଙ୍କୁ ଏକ ସକାରାତ୍ମକ ଭାବନାର ବାର୍ତ୍ତା ପ୍ରଦାନ କରାଯାଇଛି । ଏହି ୩୬୦ ଡିଗ୍ରୀ ଇଂଟିଗ୍ରେଟେଡ୍ କ୍ୟାମ୍ପେନକୁ ଟିଭି, ଡିଜିଟାଲ୍, ପ୍ରିଂଟ ଏବଂ ଓଏଚ୍ ମାଧ୍ୟମରେ ପ୍ରଦର୍ଶିତ କରାଯିବ । ଏହି ଘୋଷଣା ସମ୍ପର୍କରେ ସୂଚନା ପ୍ରଦାନ କରି, କାର୍ତିକ ମୋହିନ୍ଦ୍ରା, ଚିଫ୍ ମାର୍କେଟିଂ ଅଫିସର, ପର୍ଣ୍ଣଡ ରିକାର୍ଡ଼ ଇଣ୍ଡିଆ କହିଛନ୍ତି ଯେ, ''ଆଲିଆ ଭଟ୍ଟ ହେଉଛନ୍ତି ଆଜିର ଯୁବପୀଢ଼ିଙ୍କ ପାଇଁ ଏକ ଜଣାଶୁଣା ଲୋକପ୍ରିୟ ଚେହେରା ଓ ବ୍ଲେଣ୍ଡର୍ସ ପ୍ରାଇଡ୍ର ନୂତନ ଆମ୍ବାସଡର ଭାବରେ ଏକ ସର୍ବୋତମ ପସନ୍ଦ । ଏଥିରେ ଆଲିଆଙ୍କର ଯୁବପୀଢ଼ିଙ୍କ ପାଇଁ ନୂତନବାର୍ତା ପଦ୍ରାନ କରାଯାଇଛି । ଏହି ନୂତନ ଶୁଭାରମ୍ଭ ସମ୍ପର୍କରେ ସୂଚନା ପ୍ରଦାନ କରି ଆଲିଆ ଭଟ୍ଟ କହିଛନ୍ତି ଯେ, ''ମୁଁ ବ୍ଲେଣ୍ଡର୍ସ ପ୍ରାଇଡର ''ମେଡ୍ ଅଫ ପ୍ରାଇଡ୍''ର ଅଭିଯାନରେ ସାମିଲ୍ ହୋଇଥିବାରୁ ଅତ୍ୟନ୍ତ ଆନନ୍ଦିତ । ମୁଁ ବିଶ୍ୱାସ କରେ ଯେ ନିଜ ଉପରେ ବିଶ୍ୱାସ ଆମକୁ ଶକ୍ତି ଓ ଉତ୍ସାହ ପ୍ରଦାନ କରେ ଓ ଆମେ ଜୀବନରେ ଅନେକ ଜଟିଳ ପରିସ୍ଥିତିର ସମ୍ମୁଖୀନ ହେବାକୁ ମଧ୍ୟ ନିଜକୁ ପ୍ରସ୍ତୁତ କରିପାରିଥାଉ । ଏହି ଅଭିଯାନ କେବଳ ଲୋକ ମାନଙ୍କୁ ନିଜ ଉପରେ ବିଶ୍ୱାସ କରିବାକୁ ପ୍ରେରଣା ଯୋଗାଏ ନାହିଁ ବରଂ ଏହା ଯୁବ ପୀଢ଼ିଙ୍କୁ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ଅନୁପ୍ରେରିତ କରିଥାଏ । ଏହାକୁ ସୃଜନଶୀଳ ଏଜେନ୍ସି ଲୋୱ୍ୱେ ଲିଂଟାସ୍ ଦ୍ୱାରା ପରିକଳ୍ପନା କରାଯାଇଛି, ଏହି ଟିଭିସିକୁ ପ୍ରସିଦ୍ଧ ଫ୍ରେନଚ୍ ଫିଲ୍ମ ମେକର ଓ ଭିଜୁଆଲ୍ ଆର୍ଟିଷ୍ଟ ଜିନ କ୍ଲଉଡେ ଥିବଟ ତିଆରି କରିଛନ୍ତି । ଏହି ଅଭିଯାନ ସମ୍ପର୍କରେ ସୂଚନା ପ୍ରଦାନ କରି, ପ୍ରତୀକ ଭରଦ୍ୱାଜ, ଚିଫ୍ କ୍ରିଏଟିଭ୍ ଅଫିସର – ଲୋୱ୍ୱେ ଲିଂଟାସ୍ କହିଛନ୍ତି ଯେ, ''ଏହି କ୍ୟାମ୍ପେନ ଆତ୍ମବିଶ୍ୱାସ ଓ ସଫଳତା ମଧ୍ୟରେ ରହିଥିବା ସମ୍ପର୍କକୁ ରିଫ୍ରେମ କରିଛି । ବ୍ଲେଣ୍ଡର୍ସ ପ୍ରାଇଡ ପାଇଁ, ପ୍ରକୃତ ଲକ୍ଷ୍ୟ ସଫଳତା ହାସଲ ନୁହେଁ ବରଂ ଏହା ସଫଳତାକୁ ପରିଚାଳନା କରିବା ପାଇଁ ଏକ ପ୍ରାକ୍ ଆବଶ୍ୟକତା । ଏହି ଅଭିଯାନରେ ଆଲି ଆଭଟ୍ଟକ ଏକ ସମ୍ପୂର୍ଣ୍ଣ ନୂତନ ଅବତାରରେ ଦେଖିବାକୁ ମିଳିବ ଯାହାକୁ ଯୁବପୀଢ଼ି ନିଶ୍ଚିତ ଭାବରେ ପସନ୍ଦ କରିବେ ।

## ପୂର୍ବତନ ମନ୍ତ୍ରୀ ବାଙ୍କବିହାରୀ ଦାସଙ୍କ ଜୟନ୍ତୀ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ କୁମାରୀ ସ୍ଥିତ ଶୈଳବିହାର ପରିସରରେ ସ୍ୱାଧୀନତା ସଂଗ୍ରାମୀ, ବିଶିଷ୍ଟ ପରିବେଶବିତ୍, ପୂର୍ବତନ ମନ୍ତ୍ରୀ ଓ ରାଜ୍ୟସଭା ସାଂସଦସ୍ୱର୍ଗତ୍ ବାଙ୍କବିହାରୀ ଦାସଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବୁଦ୍ଧିଜୀବୀ ଫୋରମ୍ ଆନୁକୂଲ୍ୟରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁନାକର ସାହୁ ପୌରୋହିତ୍ୟ କରିଥିଲେ । ଯାଜପୁର ଜିଲ୍ଲା ଲେଖକ ସମ୍ମେଳନ ସଭାପତି ଡକ୍ଟର ରୁଦ୍ରନାରାୟଣ ପୃଷ୍ଟି, ଗୋକର୍ଣ୍ଣିକା ସଂପାଦକ ରମାକାନ୍ତ ଜେନା, ପ୍ରେସ୍‌କ୍ଲବ ଉପଦେଷ୍ଟା ବଟକୃଷ୍ଣ ପରିଡ଼ା, ପଣ୍ଡିତ ବ୍ରଜକିଶୋର ଦାଶ, ବ୍ରଜବଂଧୁ ଶତପଥୀ, ଶିକ୍ଷକ ସଂଘ ନେତା ହୃଷୀକେଶ ସାମଲ ଯୋଗଦେଇ ସ୍ୱର୍ଗତ ଦାସଙ୍କ ଜୀବନାଦର୍ଶ ସଂପର୍କରେ ଆଲୋଚନା କରିଥିଲେ । ସଂଗଠନ ସଂପାଦକ ଦେବବ୍ରତ ରାଉତ ସୂଚନା ପ୍ରଦାନ କରିଥିବାବେଳେ ବିଜୟ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରି ସ୍ୱାଗତ ଭାଷଣ ଦେଇଥିଲେ । ଅଜୟ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ସଭାପରେ ଦେଉଳି ପାହାଡ଼ର ପାଦଦେଶରେ ଉପସ୍ଥିତ ସଭ୍ୟବୃନ୍ଦ ପରିବେଶ ସୁରକ୍ଷାପାଇଁ ଗୋଟିଏ ଲେଖାଏଁ ଚାରା ରୋପଣ କରିଥିଲେ ।

## ରମେଶ ପରିଡା ହେଲେ ରାଜ୍ୟ ବିଜେଡି ସମ୍ପାଦକ



ଧର୍ମଶାଳା, ୧୩।୧ (ପିଏନ୍): ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଧର୍ମଶାଳା ବ୍ଲକର ପୂର୍ବତନ ଅଧ୍ୟକ୍ଷ ରମେଶ ପରିଡାଙ୍କୁ ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି । ଏନେଇ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଯାଜପୁର ବିଧାୟକ ତଥା ରାଜ୍ୟ ବିଜେଡି ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟଙ୍କୁ କୃତଜ୍ଞତା ଜଣାଇଛନ୍ତି । ରମେଶଙ୍କୁ ବୁଧବାର ଏହି ନିଯୁକ୍ତି ମିଳିବା ପରେ ଆଜି ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ବ୍ଲକ ବିଜେଡି ସଭାପତି ଜଳଧର ମହାନ୍ତି, ଜିଲ୍ଲାପରିଷଦ ସଭ୍ୟ ନିରନ ରାଉତ, ବ୍ଲକ ଯୁବ ବିଜେଡି ସଭାପତି କ୍ଷିତିଶ ନାୟକ, ବ୍ଲକ ଛାତ୍ର ବିଜେଡି ସଭାପତି ଜଗଦାନନ୍ଦ ରାଉତ, ମୋନାଲିଶା ଦାଶ, ଚୈତନ୍ୟ ସାମଲ, ମୃତ୍ୟୁଞ୍ଜୟ ଦାସ, ରଶ୍ମୀ ରନ ରାୟ ପ୍ରମୁଖ ନବନିଯୁକ୍ତ ସମ୍ପାଦକ ରମେଶ ଚନ୍ଦ୍ର ପରିଡାଙ୍କ ବାସ ଭବନରେ ପହଁଚି ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ ।

## ପୋଲିଓ ପ୍ରତିଷେଧକ ଟୀକାକରଣ ପାଇଁ ଜିଲ୍ଲା ଟାସ୍କ ଫୋର୍ସ ବୈଠକ

ଖୋର୍ଦ୍ଧା, (ପିଏନ):ଖୋର୍ଦ୍ଧା ଜିଲ୍ଲାରେ ପଲସ ପୋଲିଓ ଟୀକା କରଣ ପାଇଁ ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ପୌରୋହିତ୍ୟରେ ଭର୍ଚୁଆଲ ମାଧ୍ୟମରେ ବୈଠକରେ କୋଭିଡ ଟୀକାକରଣକୁ ସଫଳ କରିବା ପାଇଁ ମତ ପ୍ରକାଶ କରିଥିଲେ । ଏହି ସଭାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ ଅର୍ତବନ୍ଧୁ ନାୟକ ସ୍ୱାଗତ ଭାଷଣ ଦେବା ସହ ଜିଲ୍ଲାରେ ପଲସ ପୋଲିଓ ଟୀକାକରଣ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରି ଜନ୍ମରୁ ୫ ବର୍ଷ ପର୍ଯ୍ୟନ୍ତ ଶିଶୁ ମାନଙ୍କୁ ପୋଲିଓ ପ୍ରତିଷେଧକ ଟୀକା ଦିଆଯିବା ସହ ଚଳିତ ମାସ ୨୩, ୨୪ ଓ ୨୫ ତାରିଖରେ ପିଲାମାନଙ୍କୁ ପ୍ରତିଷେଧକ ଟୀକା ଦିଆଯିବ । ଚଳିତ ମାସ ୨୩ ତାରିଖରେ ପୋଲିଓ ବୁଥରେ ପିଲାମାନଙ୍କୁ ପୋଲିଓ ପ୍ରତିଷେଧକ ଟୀକା ଦିଆଯିବ ପାଇଁ ସ୍ଥିର ହୋଇଥିବା ବେଳେ ୨୪ ଓ ୨୫ ତାରିଖରେ ଘରକୁ ଘର ବୁଲି ପୋଲିଓ ପ୍ରତିଷେଧକ ଦିଆଯିବାର ବ୍ୟବସ୍ଥା କରାଯାଇଛି । ଭୁବନେଶ୍ୱର ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ପ୍ରତିନିଧି ଡଃ ସୁନୀଲ କୁମାର ଦାଶ ପଲସ ପୋଲିଓ ଟୀକା କରଣ ଉପରେ ସୂଚନା ଦେଇଥିଲେ । ପୋଲିଓ ପ୍ରତିଷେଧକ କାର୍ଯ୍ୟକ୍ରମ ଯୋଗୁଁ ୨୦୨୩ ସୁଦ୍ଧା ପୋଲିଓ ମୁକ୍ତ କରିବାକୁ ଲକ୍ଷ୍ୟ ରହିଛି । ୨୦୧୧ ପରଠାରୁ ପୋଲିଓ କେଶ ବାହାରି ନଥିବା ବେଳେ ଟୀକା କରଣ କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶିଳ କରା ଯାଇଛି । ଖୋର୍ଦ୍ଧା ଜିଲ୍ଲାରେ ପଲସ ପୋଲିଓ ଟୀକାକରଣ ଜନ୍ମରୁ ୫ ବର୍ଷ ପର୍ଯ୍ୟନ୍ତ ୧ ଲକ୍ଷ ୨ ହଜାର ୮ଶହ ୧୫ ଜଣ ପିଲାଙ୍କୁ ପ୍ରତିଷେଧକ ଟୀକାର ବ୍ୟବସ୍ଥା କରାଯାଇଛି । ଏଥିପାଇଁ ଜିଲ୍ଲାରେ ୬୨୦ଟି ପୋଲିଓ ବୁଥ, ୨୪୮୦ ଜଣ ଭାକସିନେଟର, ୪୦ଟି ଟ୍ରାନଜିଟଟିମ ଓ ୨୨ ଟି ମୋବାଇଲ ଟିମ କାର୍ଯ୍ୟ କରିବ । ବାହାରୁ ଆସୁଥିବା ପିଲା ମାନଙ୍କୁ ପୋଲିଓ ଟୀକାର ବ୍ୟବସ୍ଥା କରାଯିବା ସହ ପ୍ରତି ବ୍ଲକରେ ଟାସ୍କ ଫୋର୍ସ ବୈଠକ କରାଯିବ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗ, ସ୍ୱେଚ୍ଛାସେବୀ ସଙ୍ଗଠନ ସହଯୋଗ କରିବାକୁ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ରଘୁନାଥ ନାୟକ ମତ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଭର୍ଚୁଆଲ ବୈଠକରେ ସମସ୍ତ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ ବିଭିନ୍ନ ବିଭାଗର ଅଧିକାରୀ ମାନେ ଯୋଗ ଦେଇଥିଲେ ।

## ଆରୁହା ପାହାଡରେ କଳାପଥର ଦୁର୍ନୀତି

ଧର୍ମଶାଳା, (ପିଏନ୍): ଧର୍ମଶାଳା ତହସିଲ ଅଧିନ ବହୁଚର୍ଚ୍ଚିତ ଆରୁହା ପାହାଡରେ ହୋଇଥିବା ଦୁର୍ନୀତିକୁ ନେଇ ଲୋକାୟୁକ୍ତଙ୍କ ପକ୍ଷରୁ ଆଜି ହେବାକୁଥିବା ଶୁଣାଣି ଆସନ୍ତା ଫେବୃଆରୀ ୨୫ ତାରିଖକୁ ଘୁଂଚାଇ ଦିଆଯାଇଛି । ଆଜି ରାଜସ୍ୱମନ୍ତ୍ରୀ ସମେତ ୮ ଜଣଙ୍କୁ ହାଜର ହେବା ପାଇଁ ଲୋକାୟୁକ୍ତଙ୍କ ପକ୍ଷରୁ ନୋଟିସ ଜାରିକରାଯାଇଥିଲା । ତେବେ ଆଜି ଲୋକାୟୁକ୍ତରେ କେବଳ ରାଜସ୍ୱ ନିରିକ୍ଷକ ବାସୁଦେବ ସାହୁ ଓ ଲିଜଧାରୀ ତ୍ରିନାଥ ଜେନା ହାଜର ହୋଇଥିଲା ବେଳେ ଅନ୍ୟମାନେ ହାଜିର ହୋଇ ନଥିବାରୁ ଆଜିର ଶୁଣାଣୀ ତାରିଖକୁ ସ୍ଥଗିତ ରଖାଯାଇଥିଲା । ଧର୍ମଶାଳାର ପୂର୍ବତନ ତହସିଲଦାର ପ୍ରଭାସ ବେହୁରିଆ, ସରୋଜ କୁମାର ପଣ୍ଡା, ପ୍ରଶାନ୍ତ କୁମାର ସାମନ୍ତରାୟ, ରାଜସ୍ୱ ନିରିକ୍ଷକ କ୍ଷୀରାବ୍ଧୀ ତନୟା ପଣ୍ଡା ଓ ମାନସ ମହାପାତ୍ର ପ୍ରମୁଖ ଲିଖିତ ଆକାରରେ ତାଙ୍କର ପକ୍ଷ ରଖିଥିଲେ । ଭୂତତ୍ୱ ସର୍ବେକ୍ଷଣ ଯୁଗ୍ମ ନିର୍ଦ୍ଦେଶକ ଅମୀୟ କୁମାର ରାଉତ ତାଙ୍କ ରିପୋର୍ଟ ଦେବାରେ ବିଳମ୍ବ କରିଥିଲେ । ଯାହା ଫଳରେ ଆଜି ହାଜର ହେବାକୁ ସ୍ଥଗିତ ରଖିବା ସହ ଆସନ୍ତା ଫେବୃଆରୀ ୨୫ ତାରିଖକୁ ଦିନ ଧାର୍ଯ୍ୟ କରାଯାଇଛି । ଉକ୍ତ ପାହାଡରେ ହୋଇଥିବା ଦୁର୍ନୀତିକୁ ନେଇ ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ । ଆଜିର ଶୁଣାଣୀରେ ଶ୍ରୀ ବେହୁରା ଲୋକାୟୁକ୍ତଙ୍କ କୋର୍ଟରେ ଉପସ୍ଥିତ ରହିଥିଲେ । ତେବେ ଆସନ୍ତା ଫେବୃଆରୀ ୨୫ ତାରିଖକୁ ଦିନଧାର୍ଯ୍ୟ କରାଯାଇଥିବା ବେଳେ ଏହି ଶୁଣଅଣୀରେ କେଉଁମାନେ ଉପସ୍ଥିତ ରହୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି । ଅନ୍ୟପଟେ ଦୀର୍ଘ ମାସ ହେଲା ଲୋକାୟୁକ୍ତଙ୍କ ଦ୍ୱାରା ଏହି ଘଟଣାର ତଦନ୍ତ ଚାଲିଥିବା ବେଳେ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ୨ ଥର ମିଳିତ ତଦନ୍ତ ମଧ୍ୟ କରାଯାଇଛି । ହେଲେ ଅଦ୍ୟାବଧି ଏହି ଘଟଣାର ନିର୍ଦ୍ଦିଷ୍ଟ ଭାବେ କୌଣସି ଶୁଣାଣୀ କରାଯାଇ ନଥିବାରୁ ସାଧାରଣରେ ଏହାକୁ ନେଇ ନାନାଦି କଥା ଶୁଣିବାକୁ ମିଳୁଛି ।

## ଆତ୍ମହତ୍ୟା କରିଥିବା ଚାଷୀ ପରିବାରକୁ ୨୦ ଲକ୍ଷ ଟଙ୍କା ଦିଅନ୍ତୁ ସରକାର : କଂଗ୍ରେସ

ଭୁବନେଶ୍ୱର, (ପି.ଏନ): ରାଜ୍ୟ ସରକାରଙ୍କ ଉଦାସୀନତା ଓ ଅପରିଣାମଦର୍ଶୀ କୃଷିନୀତି ଯୋଗୁଁ ଚାଷୀମାନେ ଆତ୍ମହତ୍ୟା କରି ଚାଲିଛନ୍ତି । ରାଜ୍ୟର ନବୀନ ସରକାର ଚାଷୀ ହତ୍ୟାକାରୀ । ଏହି ଆତ୍ମହତ୍ୟା କରିଥିବା ସମସ୍ତ ଚାଷୀ ପରିବାରକୁ ୨୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ଓଡ଼ିଶା ପ୍ରଦେଶ କଂଗ୍ରେସର ପ୍ରବକ୍ତା ସୁଦର୍ଶନ ଦାସ ଏକ ସାମ୍ବାଦିକ ସମ୍ମିଳନୀରେ ଦାବୀ କରିଛନ୍ତି । ସେ କହିଛନ୍ତି ଯେ ଚଳିତ ବର୍ଷରେ ବର୍ତମାନ ପର୍ଯ୍ୟନ୍ତ ୭ଜଣ ଚାଷୀ ଆତ୍ମହତ୍ୟା କରିସାରିଲେଣି । ଗତ ନଭେମ୍ବର ୧୬ ତାରିଖରେ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱରର ଶାଳୀକୋଠା ଗ୍ରାମର ଚାଷୀ ଲକ୍ଷ୍ମୀ ନାରାୟଣ ଜେନା ବିଲରେ ବିଷ ପିଇ ଆତ୍ମହତ୍ୟା କରିଥିଲେ । ଚକଡ଼ା ପୋକ ତାଙ୍କ ୪ ଏକର ଧାନ କ୍ଷେତକୁ ନଷ୍ଟ କରି ଦେଇଥିଲା । ଏହି ଚାଷ ପାଇଁ ସେ ୨ ଲକ୍ଷ ଟଙ୍କା ଶତକଡ଼ା ମାସିକ ୪% ହାରରେ ଗାଁ ମହାଜନଠୁ ସୁଧରେ ଆଣିଥିଲେ । ଚାଷ ନଷ୍ଟ ହେବା ନେଇ ଏବଂ ଋଣ ସୁଝି ନ ପାରିବାର ଭୟ ତାଙ୍କୁ ଆତ୍ମହତ୍ୟା କରିବାକୁ ବାଧ କରିଥିଲା । ଠିକ୍ ଅନୁରୂପ ଭାବରେ ଚଳିତ ମାସ ୨୦ ତାରିଖରେ ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକର ତୃଣବେଡ଼ା ଗାଁର ବିଭୂତି ଭୂଷଣ ସରକାର ମଧ୍ୟ ନିଜର ୨ ଏକର ପରିମିତ କୋବିଚାଷର ଫସଲ ଅଜଣା ପୋକ ଦ୍ୱାରା କ୍ଷତି ଗ୍ରସ୍ତ ହେବା ଏବଂ ୨ ଲକ୍ଷ ଟଙ୍କାର ଋଣବୋଝ ଦ୍ୱାରା ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଛନ୍ତି । ସେହିପରି ଯଦି ଚାଷୀମାନଙ୍କ ପ୍ରତି ପ୍ରକୃତ ସମ୍ବେଦନଶୀଳତା ଥାଏ, ପଡ଼ୋଶୀ ଛତିଶଗଡ଼ ରାଜ୍ୟ ସରକାରଙ୍କ ଭଳି ଧାନ କିଣାରେ ପ୍ରତି କ୍ୱିଂଟାଲରେ ଅତିରିକ୍ତ ସହାୟତା ଦେଇ ଓଡ଼ିଶା ସରକାର ଚାଷୀମାନଙ୍କଠୁ ୨୯୩୦ ଟଙ୍କାରେ ନିଜେ ଧାନ କିଣି ଉଦାହରଣ ସୃଷ୍ଟି କରନ୍ତୁ ବୋଲି କିଷାନ କଂଗ୍ରେସର ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ଦାବୀ କରିଛନ୍ତି । ଏହା ସହିତ ରାଜ୍ୟର ସମସ୍ତ ଚାଷୀଙ୍କଠାରୁ ସବୁ ଖରିଫ୍ ଧାନ କିଣିବା ପାଇଁ ନିର୍ଦ୍ଧାରିତ ସମୟରେ ବ୍ୟବସ୍ଥିତ ଢଙ୍ଗରେ ତୁରନ୍ତ ମଣ୍ଡି ଖୋଲିବା, ପୂର୍ବ ବର୍ଷ ଭଳି କୌଣସି ଏକ ଚାଷୀଙ୍କ ଟୋକନ ଲାପ୍ସ ନ କରିବା, କଟଣୀ ଛଟଣୀ ବନ୍ଦ କରିବା, ପରିବହନ ଖର୍ଚ୍ଚ ଓ ଅଖାର ଦାମ୍ ଚାଷୀଙ୍କୁ ଦେବା ପାଇଁ ସେ ଦାବୀ କରିଛନ୍ତି । ଏମ.ଏସ୍.ପିର ଆଇନଗତ ବ୍ୟବସ୍ଥା, ପ୍ରଚଳିତ ଏମ.ଏସ୍.ପିର ବୃଦ୍ଧି, ଚକଡ଼ା ପୋକ ଓ ଅଦିନିଆ ବର୍ଷାଦ୍ୱାରା ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ଏକର ପିଛା ୨୦ ହଜାର ଟଙ୍କା ଆର୍ଥିକ ସହାୟତା, ସମସ୍ତ ଚାଷୀଙ୍କଠାରୁ କୃଷି ଋଣ ଛାଡ଼, ଭାଗଚାଷୀ ସୁରକ୍ଷାର ଆଇନ ପ୍ରଣୟନ, ଅଣଧାନ ଚାଷର ଅଭିବୃଦ୍ଧି, ସମସ୍ତ ଚାଷୀଙ୍କୁ ଚାଷୀ ପରିଚୟ ପତ୍ର ପ୍ରଦାନ, ଆଳୁ ପିଆଜ ଓ ଅନ୍ୟ ପନିପରିବା ଓ ଫୁଲ ଚାଷର ବ୍ୟାପକତା ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ସେମାନେ ଦାବୀ କରିଛନ୍ତି । ଚାଷୀମାନଙ୍କର ଉପରୋକ୍ତ ସମସ୍ୟାଗୁଡ଼ିକୁ ନେଇ ଆଗାମୀ ଦିନରେ ଶକ୍ତିଶାଳୀ ଚାଷୀ ଆନ୍ଦୋଳନ କଂଗ୍ରେସ ଆୟୋଜନ କରିବ ବୋଲି କଂଗ୍ରେସ ପ୍ରବକ୍ତା ଶ୍ରୀ ଦାସ କହିଥିବା ବେଳେ ଏଥିପାଇଁ ଆସନ୍ତା ଡିସେମ୍ବର ୧ ତାରିଖରେ ପ୍ରଦେଶ କିଷାନ କଂଗ୍ରେସ ରାଜ୍ୟ କାର୍ଯ୍ୟକାରିଣୀ ଗୁରୁତ୍ୱପୂର୍ଣ୍ଣ ବୈଠକ ଡକାଯିବ ଏବଂ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଚାଷୀମାନଙ୍କ ପ୍ରତି ଅଣଦେଖାକୁ ପ୍ରତିବାଦ କରାଯିବା ପାଇଁ ଏହି ବୈଠକରେ ଆନ୍ଦୋଳନର ରୂପରେଖ ଚୂଡ଼ାନ୍ତ ହେବ ବୋଲି ପ୍ରଦେଶ କିଷାନ କଂଗ୍ରେସର ଅଧ୍ୟକ୍ଷ ସୂଚନା ଦେଇଛନ୍ତି ।

MAHARISHI PUBLIC SCHOOL



2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada




## ସରକାରୀ ଚାକିରି ଆବେଦନ ବୟସ ସୀମା ବଢ଼ାଇବା ଭେଲିକି

ଭୁବନେଶ୍ୱର (ପିଏନ୍): ରାଜ୍ୟ ସରକାର ସରକାରୀ ଚାକିରି ଆବେଦନ ସର୍ବୋଚ ବୟସ ସୀମା ୩୨ ବର୍ଷରୁ ୩୮ବର୍ଷକୁ ବୃଦ୍ଧି କରିଛନ୍ତି। ତେବେ ଏହି ନିୟମ କେବଳ ୨୦୨୧, ୨୦୨୨ ଓ ୨୦୨୩ ବର୍ଷ ପାଇଁ ବଳବତର ରହିବ। ରାଜ୍ୟ ସରକାରଙ୍କ ଏଭଳି ଘୋଷଣା କେବଳ ଧର୍ମକୁ ଆଖିଠାର ବୋଲି କହିଛନ୍ତି ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଂଜନ ଲେଙ୍କା। ଏକ ପ୍ରେସ ବିବୃତିରେ ଡ. ଲେଙ୍କା କହିଛନ୍ତି ଯେ, ରାଜ୍ୟ ସରକାର କେବଳ ପଂଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଯୁବପିଢ଼ିଙ୍କୁ ଭଣ୍ଡାଇବା ପାଇଁ ଏଭଳି ଘୋଷଣା କରିଛଁନ୍ତି। ବାସ୍ତବରେ ବେକାରୀ ସମସ୍ୟା ସମାଧାନ ଓ ଯୁବପିଢ଼ିଙ୍କୁ ନିଯୁକ୍ତି ପ୍ରଦାନ ନିମନ୍ତେ ସରକାରଙ୍କର କୌଣସି ଆନ୍ତରିକତା ନାହିଁ। ତାହା ନ ହୋଇଥିଲେ ସରକାର ଏହି ନିୟମ କେବଳ ତିନି ବର୍ଷ ପାଇଁ କାହିଁକି ଲାଗୁ କରିଛଁନ୍ତି। ସରକାରୀ ଚାକିରି ଆବେଦନ ବୟସ ସୀମା ଗୋଆରେ ୪୫ବର୍ଷ, ଆସାମରେ ୪୪, ତେଲେଙ୍ଗାନାରେ ୪୪, ଆନ୍ଧ୍ରରେ ୪୨, ଉତରପ୍ରଦେଶ, ରାଜସ୍ତାନ, ପଶ୍ଚିମବଙ୍ଗ ଓ ମଧ ପ୍ରଦେଶରେ ୪୦ ବର୍ଷ ଥିବାବେଳେ ଓଡ଼ିଶା ସରକାର ଏନେଇ ସ୍ଥାୟୀ ପଦକ୍ଷେପ ଗ୍ରହଣ କରୁନାହାଁନ୍ତି କାହିଁକି ବୋଲି ଡ. ଲେଙ୍କା ପ୍ରଶ୍ନ କରିଛଁନ୍ତି। ଡ. ଲେଙ୍କା କହିଛଁନ୍ତି ଯେ, ସରକାରୀ ଚାକିରି ଆବେଦନ ବୟସ ସୀମା ୪୨ବର୍ଷକୁ ବୃଦ୍ଧି କରିବା ନିମନ୍ତେ ବହୁ ଆଗରୁ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଆସୁଛି। ରାଜ୍ୟରେ ଯୁବପିଢ଼ି ନିଯୁକ୍ତି ନ ପାଇ ଦିଗହରା ହେବା ସହ ବେକାରୀ ସମସ୍ୟା ଉକ୍ରଟ ହେବାରେ ଲାଗିଛି। ସେପଟେ ରାଜ୍ୟ ସରକାରଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଅନେକ ପଦବୀ ଖାଲି ପଡ଼ିଛି। ତେଣୁ କେଉଁ ବିଭାଗରେ କେତେ ପଦବୀ ଖାଲି ପଡ଼ିଛି ସେ ନେଇ ଏକ ଶ୍ୱେତପତ୍ର ଜାରି କରିବାକୁ ଯୁବ କଂଗ୍ରେସ ପକ୍ଷରୁ ଦାବି କରାଯାଇଥିଲା। ଏଥିସହ ଅନ୍ୟ ରାଜ୍ୟରେ ସରକାରୀ ଚାକିରି ଆବେଦନ ବୟସ ସୀମା ବୃଦ୍ଧି ହୋଇସାରିଥିବା ବେଳେ ଓଡ଼ିଶାରେ କାହିଁକି ବୃଦ୍ଧି କରାଯାଉନାହିଁ ବୋଲି ପ୍ରଶ୍ନ କରାଯାଇଥିଲା। ଏନେଇ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ମୁଖ୍ୟ ଶାସନ ସଚିବଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ବର୍ତମାନ ପଂଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ସରକାର ଚାକିରି ଆବେଦନ ବୟସ ସୀମା ବଢ଼ାଇଛନ୍ତି। ପ୍ରଥମତଃ ସରକାରଙ୍କ ଏଭଳି ପ୍ରତିଶ୍ରୁତି କେତେଦୂର କାର୍ଯ୍ୟକାରୀ ହେଉଛି ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ। ଆସନ୍ତା ତିନି ବର୍ଷରେ କେତେ ସଂଖ୍ୟାରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଛି ତାହା ଦେଖିବାର ଅଛି। ଅନ୍ୟପକ୍ଷରେ ମାତ୍ର ତିନିବର୍ଷ ପାଇଁ କାହିଁକି, ସବୁଦିନ ପାଇଁ ଏଭଳି ନିୟମ ଲାଗୁ କରିବାରେ କ'ଣ ଅସୁବିଧା ରହିଛି ସରକାର ସ୍ପଷ୍ଟ କରନ୍ତୁ ବୋଲି ଡ. ଲେଙ୍କା ଦାବି କରିଛନ୍ତି।

ଜାତୀୟ ଯୁବ ଦିବସ ଅବସରରେ ନୂଆପଡ଼ା ବିଧାନସଭା ଯୁବ କଂଗ୍ରେସ ସଭାପତି ଶାହାରୁଖ ଖାନଙ୍କ ନେତୃତ୍ୱରେ କୋମନା ଠାରେ ଏକ ଗଣଦୌଡ଼ 'ରନ୍ ଫର ରାଜୀବ' ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଂଜନ ଲେଙ୍କା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଣଦୌଡ଼ ଉଦ୍‌ଘାଟନ କରିବା ସହ ଯୁବପିଢ଼ି ଏକ ସଶକ୍ତ ଓ ବିକାଶଶୀଳ ସୁନାର ଓଡ଼ିଶା ଗଠନରେ ଅଗ୍ରସର ହୁଅନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ଏଥିସହ ଓଡ଼ିଶାରେ ସରକାରୀ ଚାକିରି ଆବେଦନ ସର୍ବୋଚ ବୟସ ସୀମା ୪୨ବର୍ଷ କରିବା ପାଇଁ ସେ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୂଆପଡ଼ା ଜିଲ୍ଲା ଯୁବ କଂଗ୍ରେସ ସଭାପତି କପିଳେନ୍ଦ୍ର ଭୋଇ, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ବିଭୂତି ଭୂଷଣ ମହାପାତ୍ର, ଚନ୍ଦ୍ରକାନ୍ତ କାଣ୍ଡି, ଆୟୁଷ ଗୁପ୍ତା, ଅନ' ସୋନି, ନରେନ୍ଦ୍ର କୁମାର ପ୍ରମୁଖ ଉପସ୍ଥିତ ଥିଲେ।

## କୋଣାର୍କରେ ବିଶ୍ୱକଲ୍ୟାଣ ସୌର ମହାଯଜ୍ଞ ଉଦ୍‌ଯାପିତ



କୋଣାର୍କ (ପିଏନ୍)-ସୌର ମହାଯଜ୍ଞ ପରିଚାଳନା ସମିତି ଆନୁକୂଲ୍ୟରେ ରାଜାରାମ ଆଶ୍ରମ ପରିସରରେ ତ୍ରିଦିବସୀୟ ବିଶ୍ୱକଲ୍ୟାଣ ସୌର ମହାଯଜ୍ଞ ଅନୁଷ୍ଠିତ ହୋଇଛି । ଏହି ବିଶ୍ୱକଲ୍ୟାଣ ସୌର ମହାଯଜ୍ଞ ଗତ ୧୦ତାରିଖ ଠାରୁ ଆରମ୍ଭ ହୋଇଥିବା ବେଳେ ପବିତ୍ର ଶାମ୍ବଦଶମୀ ତିଥି ୧୨ତାରିଖ ସୂର୍ଯ୍ୟାସ୍ତ ସମୟରେ ପୂର୍ଣ୍ଣାହୁତି ହୋଇଯାଇଛି । ସ୍ଥାନୀୟ ପଣ୍ଡିତମାନଙ୍କ ଦ୍ୱାରା ତ୍ରିଦିବସୀୟ ସୌର ମହାଯଜ୍ଞ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ ହୋଇଛି । ଉଦଯାପନୀ ସନ୍ଧ୍ୟାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଯୋଗ ଦେଇ ପ୍ରଭୁ ସୂର୍ଯ୍ୟନାରାୟଣଙ୍କ କୃପା ଲାଭ କରିଥିଲେ । ଶାମ୍ବ ଦଶମୀ ଅବସରରେ ଚନ୍ଦ୍ରଭାଗାର ତୀର୍ଥ ପୁଷ୍କରିଣୀ ଓ ମହୋଦଧିରେ ଲକ୍ଷାଧିକ ଶ୍ରଦ୍ଧାଳୁ ତୀର୍ଥ ସ୍ନାନ କରି ପରିବାରରେ ସୁଖ ଶାନ୍ତି ବଜାୟ ରଖିବା ପାଇଁ ସୂର୍ଯ୍ୟଦେବଙ୍କୁ ପୂଜାର୍ଚ୍ଚନା କରିଥିବା ବେଳେ ଘରେ ଘରେ ମଧ୍ୟ ପୂଜାର୍ଚ୍ଚନା କରାଯାଇଥିଲା । ଶାମ୍ବଦଶମୀ ଅବସରରେ ଶତାଧିକ ଶ୍ରଦ୍ଧାଳୁମାନେ ଏକ ଭବ୍ୟ ଆଧ୍ୟାତ୍ମିକ ଶୋଭାଯାତ୍ରାରେ ବାହାରି ଭଜନ, କୀର୍ତ୍ତନ ଓ ମନ୍ତ୍ରପାଠ ସହ ଚନ୍ଦ୍ରଭାଗା ତୀର୍ଥ, ସୂର୍ଯ୍ୟମନ୍ଦିର ଓ ନବଗ୍ରହ ମନ୍ଦିର ପରିକ୍ରମା କରିଥିଲେ । କୋଣାର୍କ ସୁରକ୍ଷା ସମିତିର କର୍ମକର୍ତ୍ତାମାନେ ସୂର୍ଯ୍ୟମନ୍ଦିର ଭିତରେ ସୂର୍ଯ୍ୟନାରାୟଣଙ୍କୁ ପୂଜାର୍ଚ୍ଚନା କରିଥିଲେ । କୋଣାର୍କରେ ଧର୍ମୀୟ ଐତିହ୍ୟର ପୁନର୍ଜାଗରଣ ପାଇଁ ସମବେତ ଶ୍ରଦ୍ଧାଳୁମାନେ ସମୂହ ସଙ୍କଳ୍ପ ଗ୍ରହଣ କରିଲେ । ଓଡ଼ିଶା ତଥା ଦେଶର ବିଭିନ୍ନ ପ୍ରାନ୍ତରୁ ସାଧୁ, ସନ୍ଥଙ୍କ ସମେତ କୋଣାର୍କ ତଥା ପୁରୀ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ଶ୍ରଦ୍ଧାଳୁମାନେ ବହୁଳ ସଂଖ୍ୟାରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କୋଣାର୍କ ସୁରକ୍ଷା ସମିତିର ସମସ୍ତ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶାମ୍ବ ଦଶମୀ ତିଥିରେ ସୂର୍ଯ୍ୟମନ୍ଦିର ପ୍ରବେଶ ଶୁଳ୍କ ଛାଡ ଥିବାରୁ ମନ୍ଦିର ପରିସରରେ ଦିନତମାମ ପର୍ଯ୍ୟଟକ ଓ ସ୍ଥାନୀୟ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ହୋଇଥିଲା ।

## କୋଣାର୍କ ଅବଧୂତ ମଠରେ ତ୍ରିଦିବସୀୟ ବିଶ୍ୱଶାନ୍ତି ଗ୍ରହଯଜ୍ଞ ଉଦ୍‌ଯାପିତ



କୋଣାର୍କ (ପିଏନ୍): କୋଣାର୍କର ସର୍ବପୁରାତନ ଅବଧୂତ ମଠ ପରିସରରେ ଓଡିଶା ରାଜ୍ୟ ସୌର ବ୍ରାହ୍ମଣ ପରିଷଦ ପକ୍ଷରୁ ବିଶ୍ୱ କଲ୍ୟାଣ ନିମନ୍ତେ ତ୍ରିଦିବସୀୟ ବିଶ୍ୱଶାନ୍ତି ଗ୍ରହଯଜ୍ଞ ଉଦଯାପିତ ହୋଇଯାଇଛି । ଗତ ୯ ତାରିଖ ଠାରୁ ଏହି ବିଶ୍ୱଶାନ୍ତି ଗ୍ରହଯଜ୍ଞ ଅନୁଷ୍ଠିତ ହୋଇ ୧୧ତାରିଖ ସୂର୍ଯ୍ୟାସ୍ତରେ ପୂର୍ଣ୍ଣାହୁତି ହୋଇଛି । ଓଡିଶାର ବିଭିନ୍ନ ପ୍ରାନ୍ତରୁ ପଣ୍ଡିତମାନେ ଯୋଗଦେଇ ବିଶ୍ୱର କଲ୍ୟାଣ ନିମନ୍ତେ ଗ୍ରହଯଜ୍ଞର ପୂଜା ନୀତି ସମ୍ପାଦନ କରିଥିଲେ । ଏହି ଅବସରରେ ଓଡିଶାର କୋଣଅନୁକୋଣରେ ଥିବା ମଠ ଓ ଆଶ୍ରମର ମହନ୍ତମାନେ ମଧ ଯୋଗ ଦେଇ ବିଶ୍ୱ ଶାନ୍ତି ଗ୍ରହଯଜ୍ଞରେ ସାମିଲି ହୋଇଥିଲେ । ଏହି ବିଶ୍ୱଶାନ୍ତି ଗ୍ରହଯଜ୍ଞରେ ସାଧୁ, ସନ୍ଥ, ସନ୍ନ୍ୟାସୀ ଓ ସାଧାରଣ ଶ୍ରଦ୍ଧାଳୁମାନେ ଯୋଗଦେଇ ଶ୍ରୀହରିଙ୍କ ନାମାମୃତ ପାନ କରୁଥିବା ଦେଖିବାକୁ ମିଳିଥିଲା । ଏହି ଅବସରରେ ଏଠାରେ ଅହରାତ୍ର ଭଜନ କୀର୍ତ୍ତନ ଓ ନାମସଙ୍କୀର୍ତ୍ତନରେ ଶ୍ରଦ୍ଧାଳୁମାନେ ମଜିରହିଥିବା ବେଳେ ଉଦ୍‌ଯାନି ଦିବସରେ ଧର୍ମୀୟ ସଭା କରାଯାଇଥିଲା । ଏହି ବିଶ୍ୱଶାନ୍ତି ଗ୍ରହଯଜ୍ଞର କାର୍ଯ୍ୟକ୍ରମକୁ ଓଡିଶା ରାଜ୍ୟ ସୌର ବ୍ରାହ୍ମଣ ପରିଷଦର ସଭାପତି ପଣ୍ଡିତ ରଘୁନାଥ ଦାଶ, ଉପସଭାପତି ପଣ୍ଡିତ ଅନନ୍ତ ଚରଣ ନାୟକ, ସାଧାରଣ ସମ୍ପାଦକ ପଣ୍ଡିତ ନିମାଇଁ ଚରଣ ଦାଶ, ଅବଧୂତ ମଠର ମହନ୍ତ ଅବଧୂତ ଆଦିତ୍ୟଚରଣ ଦାସ, ପୁରୀର ରାଜପଣ୍ଡିତ ଶିବନାରାୟଣ ମହାପାତ୍ର, ଅନନ୍ତ ଆଶ୍ରମ ଘାଟିକିଆ ଭୁବନେଶ୍ୱରର ସନ୍ଥ ଅଭିରାମ ସସ୍ୱତୀ, ପରିଚାଳନା କରିଥଥିବା ବେଳେ ସହ ସମ୍ପାଦକ ପଣ୍ଡିତ ଅଚ୍ୟୁତାନ୍ଦ, କୋଷାଧକ୍ଷ ପଣ୍ଡିତ ମହେଶ୍ୱର ପାତ୍ର, ସଂଯୋଜକ ପଣ୍ଡିତ ପ୍ରମୋଦ କୁମାର ଆଚାର୍ଯ୍ୟ, ଭରତଚନ୍ଦ୍ର ମିଶ୍ର, କର୍ମକର୍ତ୍ତା ପଣ୍ଡିତ ତ୍ରିନାଥ ଆଚାର୍ଯ୍ୟ ଓ ପଣ୍ଡିତ ମହେନ୍ଦ୍ର କୁମାର ନାୟକଙ୍କ ସମତେ ପ୍ରଫୁଲ୍ଲ ନାୟକ, ପ୍ରଦୀପ ନାୟକ, ବିଭୁପ୍ରସାଦ ଆଚାର୍ଯ୍ୟ, ମହେନ୍ଦ୍ର ନାୟକ, ବିଭୁପ୍ରସାଦ ନାକୟ, ବିରଞ୍ଚି ନାରାୟଣ ଆଚାର୍ଯ୍ୟ, ସନ୍ତୋଷ ନାୟକ, ତପନ କୁମାର ନାୟକ ପରିଚାଳନା କରିଥିଲା । ଏତଦବ୍ୟତିତ ଓଡିଶା ରାଜ୍ୟ ସୌର ବ୍ରାହ୍ମଣ ପରିଷଦ ପକ୍ଷରୁ ଅନନ୍ତ ଅବଧୂତ ମଠ ପରିସରରୁ ସାମ୍ବଦଶମୀ ଅବସରରେ ଆୟୋଜିତ ସୂର୍ଯ୍ୟଙ୍କ ରଥଯାତ୍ରାର ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## କେନ୍ଦ୍ରାପଡା ବିଧାୟକଙ୍କ ଆଶୁ ଆରୋଗ୍ୟକାମନା କରି ଶ୍ରୀବଳଦେବଜୀଉଙ୍କ ନିକଟରେ ସମୂହ ଦୀପଦାନ



କେନ୍ଦ୍ରାପଡା (ପିଏନ୍) : କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା ଦ୍ୱିତୀୟ ଥର ପାଇଁ କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସାଧିନ ଅଛନ୍ତି। ବିଦାୟକ ଶ୍ରୀ ବେହେରାଙ୍କ ଆଶୁ ଆରୋଗ୍ୟ କାମନା କରାଯାଇ କେନ୍ଦ୍ରାପଡାର ଆରାଧ୍ୟ ପ୍ରଭୁ ଶ୍ରୀ ବଳଦେବଜୀଉଙ୍କ ଗରୁଡ ସ୍ତମ୍ଭ ନିକଟରେ ଗତ ମଙ୍ଗଳବାର ସନ୍ଧ୍ୟାରେ ସମୂହ ଦୀପଦାନ କରାଯାଇଛି। କେନ୍ଦ୍ରାପଡାର ଯୁବ, ଛାତ୍ର ଓ ମହିଳା ବିଜେଡି ପକ୍ଷରୁ ଏହି ଦୀପଦାନ କରାଯାଇଛି। ରାଜ୍ୟ ଯୁଗ୍ମ ସମ୍ପାଦକ ରାଜେଶ ପଣ୍ଡା, ରଞ୍ଜିତ ସାହୁ, ଯୁବ ବିଜେଡି ଜିଲ୍ଲା ସଭାପତି ରାଜେଶ ଦାସ, ମହେନ୍ଦ୍ର ମିଶ୍ର, କାଳି ପ୍ରସାଦ ମିଶ୍ର, ହିରଣ୍ୟ ପଣ୍ଡା, ବିଜୟ ପତି, ଧ୍ରେନ ସାହୁ, ମଙ୍ଗଳଚରଣ ସିଂ, ଯଯାତିକେଶରୀ ମହାନ୍ତି, ମାନସ ସେଠୀ, ସବିତା ସାହୁ, ଶକ୍ତିକାନ୍ତ ପାତ୍ର, ଆଲୋକ ସାହୁ, ଦେବଦାସ ମହାନ୍ତି, ଦୁର୍ଗା ପ୍ରସାଦ ପତି, ରୋସ୍ନା ସାହୁ, ସୁମିତ୍ରା ପାଢୀ, ବିଜୟ ପତି, ଦେବେନ୍ଦ୍ର ଦାସ, ରେବତୀରମଣ ଦାସ, ରଞ୍ଜନ କର ପ୍ରମୁଖ ବିଧାୟକଙ୍କ ଆଶୁ ଆରୋଗ୍ୟ କାମନା କରି ଦୀପଦାନ କରିଥିଲେ।

## ରେଳ ର୍ୟାକ୍ ଲୋଡିଙ୍ଗ ଶ୍ରମିକ ପିଆଇଡିସିରେ ସାମିଲ

ପାରାଦୀପ (ପିଏନ୍)-ପାରାଦୀପ ବାଉରିଆ ପାଳନ୍ଦାଠାରେ ଥିବା ଇଫକୋ ରେଳ ର୍ୟାକ୍ ଲୋଡିଙ୍ଗ ରେ କାର୍ଯ୍ୟରତ ଶ୍ରମିକମାନେ ଗତ ଶନିବାର ଦିନ ଅରିନ୍ଦମ ସାର୍ଖେଲଙ୍କ ନେତୃତ୍ୱାଧିନ ପାରାଦୀପ ଏରସମା ଶିଳ୍ପାଂଚଳ ଶ୍ରମିକ ସଂଘରେ ଯୋଗଦେଇଛନ୍ତି । ଶନିବାର ଦିନ ଅପରାହ୍ଣରେ ଶ୍ରୀ ସାର୍ଖେଲ, ସାଧାରଣ ସମ୍ପାଦକ ସମୀର କୁମାର ବିଶ୍ୱାଳ ପ୍ରମୁଖ ରେଳ ର୍ୟାକ୍ ଲୋଡିଙ୍ଗ ସାଇଡ୍‌ରେ ପହଂଚିଥିଲେ । ସେଠାରେ ଏହି ନେତୃବୃନ୍ଦଙ୍କୁ ଶ୍ରମିକମାନେ ଭବ୍ୟ ସ୍ୱାଗତ କରିଥିଲେ । ଏହି ଶ୍ରମିକମାନେ ପୂର୍ବରୁ ପାରାଦୀପ ପୋର୍ଟ ଆଣ୍ଡ ଡକ୍ ଓର୍କସ୍ ୟୁନିୟନର ସଭ୍ୟ ଥିଲେ । ଏହି ୟୁନିୟନ ଛାଡି ସେମାନେ ଆନୁଷ୍ଠାନିକ ଭାବେ ପାରାଦୀପ ଏରସମା ଶିଳ୍ପାଂଚଳ ଶ୍ରମିକ ସଂଘରେ ଯୋଗ ଦେଇଥିବା ନେଇ ଶ୍ରୀ ସାର୍ଖେଲ୍ ଇସ୍ତାହାର ମାଧ୍ୟମରେ ସୂଚନା ଦେଇଛନ୍ତି । ଏହି ଶ୍ରମିକମାନଙ୍କ ସମସ୍ତ ସମସ୍ୟା ତଥା ଭବିଷ୍ୟତ ଏବଂ ଆର୍ଥିକସ୍ଥିତିକୁ ସୁଦୃଢ଼ କରିବା ପାଇଁ ସେ ସବୁ ପ୍ରକାରର ଉଦ୍ୟମ କରିବେ ବୋଲି ସୂଚନା ଦେଇଛନ୍ତି ।

## ପୁଅ ନିର୍ଯ୍ୟାତନାରେ ଅତିଷ୍ଠ ବୃଦ୍ଧା ମା'ର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା




କେନ୍ଦ୍ରାପଡ଼ା (ପିଏନ୍): ପୁଅର ନିର୍ଯ୍ୟାତନାରେ ଅତିଷ୍ଠ ହୋଇ ବୃଦ୍ଧା ମା' ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିରହିଥିବା ଦେଖାଯାଇଛି। କେନ୍ଦ୍ରାପଡା ଜିଲ୍ଲାର ଡେରାବିଶ ଥାନା ଅନ୍ତର୍ଗତ କୁରୁଜଙ୍ଗା ଗ୍ରାମର ସ୍ୱର୍ଗତ ବୈଷ୍ଣବ ଚରଣ ବେଦାନ୍ତଙ୍କ ପତ୍ନୀ ତଥା ୮୦ବର୍ଷର ବୃଦ୍ଧା ତାରେଣୀ ବେଦାନ୍ତ ଅଭିଯୋଗ କରିଛନ୍ତି ଯେ ୩୦ବର୍ଷ ହେବ ତାଙ୍କ ସ୍ୱାମୀଙ୍କ ବିୟୋଗ ପରେ ବହୁ ଦୁଃଖ କଷ୍ଟରେ ସେ ୩ଝିଅ ମଧ୍ୟରୁ ୨ଟି ଝିଅଙ୍କୁ ବିବାହ କରିବା ପରେ ଏକମାତ୍ର ପୁଅ ରବିନ୍ଦ୍ରକୁ ବଢାଇଥିଲେ। ୨୦ବର୍ଷ ହେବ ପୁଅର ବିବାହ ପରେ ରବିନ୍ଦ୍ର ମା' ତାରେଣୀଙ୍କୁ ମାଡମାରି ଘରୁ ବାହାର କରିଦେଇଥିଲେ। ତାରେଣୀ ତାଙ୍କ ବାପାଙ୍କର ଏକମାତ୍ର ଝିଅ ହୋଇଥିବାରୁ ବାପା ମାଣେ ୧୫ଗୁଣ୍ଠ ଜମିକୁ ତାରେଣୀଙ୍କ ପୁଅ ରବିନ୍ଦ୍ରଙ୍କ ନାମରେ ଦଉପତ୍ର କରିଦେଇଥିଲେ। ଏତଦବ୍ୟତିତ ତାରେଣୀଙ୍କ ସ୍ୱାମୀଙ୍କର ୨୦ଗୁଣ୍ଠ ପୈତୃକ ସମ୍ପତ୍ତି ଥିବାବେଳେ ତାରେଣୀ ଅନ୍ୟ ୩ଗୁଣ୍ଠ ଜମି ପୁଅ ରବିନ୍ଦ୍ର ନାମରେ କିଣିଥିଲେ। ମାତ୍ର ଏସମସ୍ତ ସମ୍ପତ୍ତି ପୁଅ ରବିନ୍ଦ୍ର ନାମରେ କରିଦେବା ପରେ ବୃଦ୍ଧା ତାରେଣୀ ଉପରେ ନିର୍ଯ୍ୟାତନା ଦିନକୁ ଦିନ ବଢ଼ିବାରେ ଲାଗିଲା। ତାରେଣୀ ବାଧ୍ୟ ହୋଇ ସାନ ଝିଅ ରେବତୀ ଘରେ ଶ୍ୟାମସୁନ୍ଦର ପଞ୍ଚାୟତର ଖଣ୍ଡିଆବନ୍ଧ ଗ୍ରାମରେ ଦୀର୍ଘ ୨୦ବର୍ଷ ଧରି ରହି ଆସୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ସେ ଘରକୁ ଗଲେ ପୁଅ ତାଙ୍କୁ ମାଡଗାଳି ଦେଇ ବାହାର କରିଦେଉଥିବାରୁ ସେ ଏସମ୍ପର୍କରେ ଡେରାବିଶ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରୁନଥିବାରୁ ସେ ନ୍ୟାୟ ପ୍ରଦାନ ଦାବିରେ ବାଧ୍ୟ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ତାରେଣୀଙ୍କ ସହ ତାଙ୍କର ଦୁଇ ଝିଅ ମଧ୍ୟ ଧାରଣାରେ ବସିରହିଥିଲେ। ତାଙ୍କୁ ନ୍ୟାୟ ପ୍ରଦାନ କରାନଗଲେ ସେ ଆତ୍ମହତ୍ୟା କରିବେ ବୋଲି ପ୍ରଶାସନକୁ ଚେତାବନୀ ଦେଇଛନ୍ତି।

## ପ୍ରଥମେ ସଂରକ୍ଷଣ ଓ ପରେ ନିର୍ବାଚନ

ଭୁବନେଶ୍ୱର (ପିଏନ୍)- ପ୍ରଦେଶ କଂଗ୍ରେସ କମିଟିର ଏକ ପ୍ରତିନିଧି ଦଳ ଶ୍ରୀ ସନ୍ତୋଷ ସିଂ ସାଲୁଜା, ବିଧାୟକ, ଶ୍ରୀ ଜ୍ଞାନଦେବ ବେଉରା, ଅଧ୍ୟକ୍ଷ ପଛୁଆ ବର୍ଗ ବିଭାଗ ପ୍ରଦେଶ କଂଗ୍ରେସ କମିଟି ଓ ଶ୍ରୀ ଚିନ୍ମୟ ସୁନ୍ଦର ଦାସ ଲୋକସଭା ଭବନରେ ପଂଚାୟତରାଜ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଭେଟି ଓଡ଼ିଶାରେ ଆଗାମୀ ପଂଚାୟତ ନିର୍ବାଚନରେ ପଛୁଆବର୍ଗମାନଙ୍କ ପାଇଁ ଉଚ୍ଛେଦ କରାଯାଇଥିବା ସଂରକ୍ଷଣ ବ୍ୟବସ୍ଥାକୁ ପୁନଃ କାଏମ କରିବାପାଇଁ ଦାବିପତ୍ର ପ୍ରଦାନ କରିଛଁନ୍ତି । କଂଗ୍ରେସ ଦଳ ତରଫରୁ ପ୍ରଥମେ ସଂରକ୍ଷଣ ଓ ପରେ ନିର୍ବାଚନ ଦାବିକୁ ଗ୍ରହଣ କରିବାକୁ ସରକାରଙ୍କୁ ଅନୁରୋଧ କରାଯାଇଛି। ଏହି ଦାବିପତ୍ର ଗ୍ରହଣ କରି ପ୍ରମୁଖ ଶାସନ ସଚିବ, ଏହାଉପରେ ସରକାର ତର୍ଜମା କରିବା ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛଁନ୍ତି । କଂଗ୍ରେସ ଦଳ ତରଫରୁ ପ୍ରଦାନ କରାଯାଇଥିବା ଦାବି ପତ୍ରକୁ ସରକାର ବିଚାରକୁ ନନେଲେ କଂଗ୍ରେସ ଦଳ ଖୁବଶୀଘ୍ର ନ୍ୟାୟାଳୟକୁ ଯିବାପାଇଁ ନିଷ୍ପତି ନେଇଥିବା ପ୍ରକାଶ।

## ୧୯୮୮ ବ୍ୟାଚ୍‌ର ବନ୍ଧୁମିଳନ

ଚଣ୍ଡିଖୋଲ (ପି.ଏନ୍)-ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ବଡ଼ଗୁମୁରୀ ପଂଚାୟତର ପ୍ରାକୃତିକ ଭରା ପର୍ବତ ଶିଖର ଉପରେ ମହାବିନାୟକ ବିଦ୍ୟାୟନ ବଡ଼ଚଣାର ୧୯୮୮ ମସିହା ମ୍ୟାଟ୍ରିକ୍ ବ୍ୟାଚ୍ ଛାତ୍ରଛାତ୍ରୀମାନଙ୍କର ଏକ ବନ୍ଧୁ ମିଳନ ଉତ୍ସବ ପାଳିତ ହୋଇଯାଇଛି। ବନ୍ଧୁ ମିଳନ ଉତ୍ସବକୁ ଆକାଶ ସାହୁଙ୍କ ତତ୍ୱାବଧାନରେ ସମସ୍ତ ବନ୍ଧୁବାନ୍ଧବୀ ମାନେ ଯୋଗ ଦେଇଥିଲେ। ବିଦ୍ୟାଳୟର ଛାତ୍ର ଜୀବନରେ ଘଟିଥିବା ଅଭୁଲା ସ୍ମୃତି ସଂପର୍କରେ ଆଲୋଚନା ହୋଇଥିଲା। ସମାଜରେ କଲ୍ୟାଣମୂଳକ, ଗଠନମୂଳକ କାର୍ଯ୍ୟ ଓ ସେବା ମନୋବୃତି ରଖିବା ପାଇଁ ଉପସ୍ଥିତ ଛାତ୍ରଛାତ୍ରୀମାନେ ଆଲୋଚନା କରି ନିଷ୍ପତି ଗ୍ରହଣ କରିଥିଲେ। ଉତ୍ସବର ମୁଖ୍ୟ ଆକର୍ଷଣ ବାନ୍ଧବୀ ଅମିତା କର, ସନ୍ଦୀପ କର ଓ ତାଙ୍କ ଝିଅ ବର୍ଷା ପ୍ରିୟଦର୍ଶନୀଙ୍କ ସମେତ ପର୍ଶୁରାମ ମିଶ୍ର, ରତିକାନ୍ତ ସାହୁ, ରାଜୀବ ପାଲ, ରଂଜନ ଦାସ, ସୁରେନ୍ଦ୍ର ମହାରଣା, ଅଶ୍ୱିନୀ ବଳିଆରସିଂହ, ନୃସିଂହ ନାରାୟଣ ଓତା, ସୁଧୀର ଖଟୁଆ, ଚିର ରଂଜନ ପ୍ରଧାନ, କଳ୍ପତରୁ ସ୍ୱାଇଁ, ପ୍ରତାପ ବଳ, ସତ୍ୟସାଇ ମିଶ୍ର, ସତ୍ୟାନନ୍ଦ ରାଉତ, ସତ୍ୟପ୍ରିୟ ବରାଳ, ମିହିର ବିଶ୍ୱାଳ,ଅଚ୍ୟୁତ ନାୟକ ସମେତ ତାଙ୍କର ବାନ୍ଧବୀ ଓ ପିଲାମାନେ ଯୋଗ ଦେଇଥିଲେ। ସେଠାରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ମ୍ୟୁଜିକ୍ ଚେୟାର, ବକ୍ତୃତା, ସଂଗୀତ, ନୃତ୍ୟ ଓ କୁଇଜ୍ କାର୍ଯ୍ୟକ୍ରମ କରାଯାଇ ଏହା ଚିତା କର୍ଷକ ହୋଇଥିଲା। ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଅନିଲ ଦାସ ସହାୟତା କରିଥିଲେ।

## ଶିକ୍ଷୟିତ୍ରୀଙ୍କ ବୟସ ଜାଲିଆତି ଘଟଣାର ତଦନ୍ତ ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା




କେନ୍ଦ୍ରାପଡ଼ା (ପିଏନ୍): ଜନୈକ ଶିକ୍ଷୟିତ୍ରୀ ବୟସ ଜାଲିଆତି କରି ଶିକ୍ଷକ ଚାକିରୀ କରୁଥିବା ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନ୍ୟାୟ ଦାବିରେ ଧାରଣାରେ ବସିଛନ୍ତି ଯୁବକ। ସୂଚନା ଅନୁଯାଇ କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ବନ୍ଧକଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଲତିକା କୁମାରୀ ନାୟକ ନାମକ ଶିକ୍ଷୟିତ୍ରୀ ଏଭଳି ବୟସ ଜାଲିଆତି କରି ଚାକିରୀ କରିଥିବା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ବଛରାଇ ଗ୍ରାମର ସୁଧାଂଶୁ ନାୟକ ଅଭିଯୋଗ କରିଛନ୍ତି। ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୯୬୮ ମସିହା ପର୍ଯ୍ୟନ୍ତ ପଢୁଥିବା ବେଳେ ତାଙ୍କ ଜନ୍ମ ପ୍ରମାଣପତ୍ରରେ ବୟସ ୧୯୫୨ମସିହା ଉଲ୍ଲେଖ ରହିଛି ଓ ଏବେ ତାଙ୍କୁ ୭୨ବର୍ଷ ବୟସ ହୋଇଛି। କିନ୍ତୁ ସେଠାରେ ତାଙ୍କ ନାମ ଲତିକା କୁମାରୀ ଦେଇ ବୋଲି ଉଲ୍ଲେଖ ରହିଛି। ପରେ ତାଙ୍କ ନାମ ଲତିକା କୁମାରୀ ନାୟକ ବୋଲି ସେ ଜାଲିଆତି କରି କରିଦେଇଥିବା ଅଭିଯୋଗ ହୋଇଛି। ସେ ଏବେ ଅବସର ନେବାକୁ ଥିବାବେଳେ ତାଙ୍କ ବୟସ ଜାଲିଆତି ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ କିମ୍ବା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ କୌଣସି ତଥ୍ୟ ନଥିବା ଅତ୍ୟନ୍ତ ରହସ୍ୟମୟ ବୋଲି ଅଭିଯୋଗକାରୀ କହିଛନ୍ତି। ଏହି ଜାଲିଆତି ଘଟଣାର ଏକ ଉଚ୍ଚ ସ୍ତରୀୟ ତଦନ୍ତ କରାଯାଇ ସଂପୃକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଅଭିଯୋଗକାରୀ ଶ୍ରୀ ନାୟକ ଜିଲ୍ଲାପାଳଙ୍କ ନିକଟରେ ଦାବି କରି ଧାରଣାରେ ବସିରହିଛନ୍ତି।

## ପାରାଦୀପ ଅଂଚଳରୁ ପୁଣି ବ୍ରାଉନ୍ ସୁଗାର ଜବତ-ଦୁଇ ଅଭିଯୁକ୍ତ ଗିରଫ

ପାରାଦୀପ (ପିଏନ୍)- ପାରାଦୀପ ନୂଆବଜାର କଲୋନୀ ଅଂଚଳରୁ ନିଷିଦ୍ଧ ଧଳା ଜହର ବ୍ରାଉନ୍ ସୁଗାର ବିକ୍ରି କରୁଥିବା ଦୁଇଜଣଙ୍କୁ ଗିରଫ କରିଛନ୍ତି ପାରାଦୀପ ଆଦର୍ଶ ଥାନା ପୋଲିସ୍ । ଘଟଣାରୁ ପ୍ରକାଶ ଯେ, ପାରାଦୀପ ନୂଆବଜାର ଷଣ୍ଢ ଛକ ନିକଟରେ ଦୁଇ ଅଭିଯୁକ୍ତ ଗଂଜାମ ଜିଲ୍ଲା ବକ୍ସିପଲ୍ଲୀ ଅଂଚଳର ମୂଳ ବାସିନ୍ଦା ତଥା ପାରାଦୀପ ନୂଆବଜାରରେ ରହୁଥିବା ଶୁକଦେବ ନାୟକଙ୍କ ପୁଅ ମନୋରଂଜନ ନାୟକ(୨୯) ଓରଫ ରାଜୁ ଏବଂ ବିହାର ରାଜ୍ୟର ପାଟନା ଅନ୍ତର୍ଗତ ନକତାଦିଆରା ଅଂଚଳର ମୂଳ ବାସିନ୍ଦା ତଥା ପାରାଦୀପ ନୂଆବଜାରରେ ରହୁଥିବା ହାକିମ୍ ରାୟଙ୍କ ପୁଅ ଛୋଟୁ ରାୟ (୩୩) ବ୍ରାଉନ୍ ସୁଗାର ବିକ୍ରି କରୁଥିବା ଖବର ପାଇ ପୋଲିସ୍ ଘଟଣାସ୍ଥଳରେ ପହଂଚିଥିଲା । ସେଠାରେ ଦୁଇ ଅଭିଯୁକ୍ତଙ୍କୁ ପୋଲିସ୍ ଧରିବା ସହ ସେମାନଙ୍କ ନିକଟରୁ ୯.୭ ଗ୍ରାମର ବ୍ରାଉନ୍ ସୁଗାର ଜବତ କରିଥିବା ନେଇ ପାରାଦୀପ ଥାନା ଅଧିକାରିଣୀ ଶୁଭଲକ୍ଷ୍ମୀ ପୂଜାରୀ ସୂଚନା ଦେଇଛନ୍ତି । ଦୁଇ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲଣ କରାଯାଇଛି । ଏ ସଂପର୍କରେ ପାରାଦୀପ ଥାନାରେ ୩୦୩/ ୨୧ରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି ।

## ସତ୍ୟସାଇ ସେବା ସଂଗଠନ ପକ୍ଷରୁ ଦ୍ୱିତୀୟ ନିର୍ମଳ ଝର ପ୍ରକଳ୍ପ ଉଦ୍‌ଘାଟିତ

ପାରାଦୀପ (ପିଏନ୍)-ଜଗତସିଂହପୁର ଜିଲ୍ଲା ଏରସମା ନିକଟସ୍ଥ ଶାଳିଓ ଗ୍ରାମରେ ଜିଲ୍ଲାର ଦ୍ୱିତୀୟ ତଥା ଓଡିଶା ପ୍ରଦେଶର ୧୪ତମ ପାନୀୟ ଜଳ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ସତ୍ୟସାଇ ଟ୍ରଷ୍ଟ ତଥା ଓଡିଶା ସତ୍ୟସାଇ ସଂଗଠନ ଦ୍ୱାରା ୯ଲକ୍ଷ ଟଙ୍କା ବ୍ୟୟରେ ଶ୍ରୀ ସତ୍ୟସାଇ ନିର୍ମଳ ଝର ପ୍ରକଳ୍ପ କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି ପାନୀୟ ଜଳ ପ୍ରକଳ୍ପଟି କାର୍ଯ୍ୟକ୍ଷମ ହୋଇଛି । ଏହି ଉଦ୍‌ଘାଟନୀ ସମାରୋହରେ ଶ୍ରୀ ସତ୍ୟସାଇ ଉଚ୍ଚତର ଶିକ୍ଷାନୁଷ୍ଠାନର ପ୍ରାକ୍ତନ ଛାତ୍ର ତଥା ଅଧୁନା ଆୟକର ବିଭାଗର ଅନୁସନ୍ଧାନ ନିର୍ଦ୍ଦେଶକ ଆଇ.କ୍ରିଷ୍ଣା କିଶୋର, ପାରାଦୀପ ବନ୍ଦର ଉପାଧ୍ୟକ୍ଷ ଏ.କେ. ବୋଷ, ସତ୍ୟସାଇ ସଂଗଠନର ରାଜ୍ୟ ସଭାପତି ନାରାୟଣ ପ୍ରସାଦ ସର, ରାଜ୍ୟ ଟ୍ରଷ୍ଟର ଆବାହକ ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ଜଗତସିଂହପୁର ଜିଲ୍ଲା ସଭାପତି ଦାମୋଦର ସ୍ୱାଇଁ, ପୂର୍ବତନ ସଭାପତି ଇଂ. ବିପିନବିହାରୀ ପାଣିଗ୍ରାହୀ ଜିଲ୍ଲାର ବିଭିନ୍ନ ସମିତି ଓ ଭଜନ ମଣ୍ଡଳୀର କର୍ମକର୍ତ୍ତା, ଭକ୍ତବୃନ୍ଦ, ଶାଳିଓ ଗ୍ରାମର ସରପଂଚ ଓ ଗ୍ରାମବାସୀମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । କୋଭିଡ୍ ନିୟମ ପାଳନ ପୂର୍ବକ ନଗର ପରିକ୍ରମା, ବେଦୋଚାରଣ, ଭଜନ, ସାମୁହିକ ସଙ୍ଗୀତ ମାଧ୍ୟମରେ ଏହି ଉଦ୍‌ଘାଟନ ସମାରୋହ ଅନୁଷ୍ଠିତ ହୋଇଥିଲା । ସୂଚନା ଥାଉକି, ଏହି ଗ୍ରାମର ଭୂତଳ ଲୁଣି ଜଳ ପାନୀୟ ଓ ରୋଷେଇ ଉପଯୋଗୀ ହୋଇନଥିବାରୁ ଗ୍ରାମବାସୀ ମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏହି ପ୍ରକଳ୍ପ ଦ୍ୱାରା ଗ୍ରାମବାସୀମାନେ ପ୍ରତିଦିନ ତିନିଟଙ୍କା ବିନିମୟରେ ପରିବାର ପିଛା ୨୦ ଲିଟର ପାଣି ସ୍ମାର୍ଟ କାର୍ଡ ଦ୍ୱାରା ପାଇପାରିବେ । ସଂଗୃହୀତ ଅର୍ଥ ଗ୍ରାମ କମିଟି ଦ୍ୱାରା ପ୍ରକଳ୍ପ ପରିଚାଳନାରେ ଖର୍ଚ୍ଚ ହେବାକୁ ଥିବା ବିଦ୍ୟୁତ ଶୁଳ୍କ ଓ ରକ୍ଷଣାବେକ୍ଷଣ ଇତ୍ୟାଦିରେ ଖର୍ଚ୍ଚ ହେବ । ଏହି ପାନୀୟ ପ୍ରକଳ୍ପ ପାଇଁ ଗ୍ରାମବାସୀ ମାନେ ସତ୍ୟସାଇ ସଙ୍ଗଠନକୁ ସେମାନଙ୍କର ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି । ଆଗାମୀ ଦିନରେ ଏହିପରି ପ୍ରକଳ୍ପ ଓଡିଶାର ଗ୍ରାମମାନଙ୍କରେ ପ୍ରତିଷ୍ଠା କରିବା ପାଇଁ ସଂଗଠନ ଲକ୍ଷ୍ୟ ରଖିଛି ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phaggan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଅବ୍ୟବହୃତ ହୋଇ ପଡିରହିଛି ଭେଣ୍ଡିଂଜୋନ୍




କେନ୍ଦୁଝର,(ପି.ଏନ): କେନ୍ଦୁଝର ସହରରେ ଫୁଟପାଥରେ ବସୁଥିବା ଛୋଟ ଛୋଟ ବ୍ୟବସାୟୀଙ୍କୁ ଥଇଥାନ କରିବା ପାଇଁ ପୌରପାଳିକା ପକ୍ଷରୁ ଭେଣ୍ଡିଜୋନ ବ୍ୟବସ୍ଥା କରାଯାଇଛି। ତେବେ ବିଭାଗର ଦୂରଦୃଷ୍ଟି ଅଭାବରୁ ଅନେକ ସ୍ଥାନରେ ଭେଣ୍ଡିଜୋନ ଅବ୍ୟବହୃତ ହୋଇ ପଡିରହିଛି। ଫଳରେ ଏସବୁ ଭାଙ୍ଗରୁଜି ନଷ୍ଟ ହୋଇ ସରକାରଙ୍କ ବ୍ୟାପକ ରାଜସ୍ୱ କ୍ଷତି ଘଟୁଛି। ସଠିକ୍ ସ୍ଥାନ ଚୟନ ହେଉନଥିବାରୁ ଏଭଳି ପରିସ୍ଥିତି ଉପୁଜୁଛି ବୋଲି ମତପ୍ରକାଶ ପାଇଛି। ଏଭଳି ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ ନିକଟ ଗମ୍ଭାରିଆରେ ୧୨ଟି ଭେଣ୍ଡିଜୋନ ଦୋକାନ ନିର୍ମାଣ ହୋଇଥିଲା। ସେଥିରୁ ୭ଟି ଘର ବ୍ୟବହାର ନହୋଇ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି। ସେଠାରେ ଏବେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଉକ୍ତ ଭେଣ୍ଡିଜୋନ ନିକଟରେ ଡିଡି କଲେଜର ଅଭିସ୍ପା ମହିଳା ହଷ୍ଟେଲ ରହିଥିବାରୁ ସମସ୍ୟା ଦେଖାଦେବା ଆଶଙ୍କା ରହିଛି। ସେହିପରି ବଡହଲଠାରେ ମଧ ଭେଣ୍ଡିଜୋନ ବ୍ୟବହାର ହେଉନଥିବାରୁ ସରକାରଙ୍କ ଏହି ମହତ ଯୋଜନା ବିଫଳ ହୋଇଛି। ସେହିପରି ବହୁ ବ୍ୟବସାୟୀ ଘର ନେଇ ଖୋଲୁନାହାଁନ୍ତି ଏବଂ ଆଉ କେତେକ ଭଡାରେ ଲଗାଇ ଲାଭବାନ ହେଉଛନ୍ତି। ସେହିପରି କେତେକ ଭେଣ୍ଡିଜୋନରେ ଉପଯୁକ୍ତ ତଦାରଖ ଅଭାବରୁ ଦୁଇଟି ଘରକୁ ମିଶାଇ ଗୋଟିଏ ବଡ କରିବା ସହ କେତେକ ବେଆଇନଭାବେ ଦୋକାନ ଆଗକୁ ଓ ପଛକୁ ସଂପ୍ରସାରଣ କରି ବ୍ୟବସାୟିକ ଲାଭ କରିବା ସହ ଫୁଟପାଥ ଜବରଦଖଲ,ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛନ୍ତି।

## ପୋର୍ଟ ଟ୍ରଷ୍ଟ ସ୍କୁଲର ପ୍ରାକ୍ତନ କ୍ରୀଡା ଶିକ୍ଷକଙ୍କ ଦେହାନ୍ତ

ପାରାଦୀପ, (ପି.ଏନ): ପାରାଦୀପ ପୋର୍ଟ ଟ୍ରଷ୍ଟ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ପ୍ରଫୁଲ ଚନ୍ଦ୍ର ପାତ୍ରଙ୍କର ୬୯ ବୟସରେ ଭୁବନେଶ୍ୱର ଠାରେ ପରଲୋକ ହୋଇଯାଇଛି । ସେ ଫୁସଫୁସ୍ ଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧିନ ଥିଲେ । ୨୦୧୨ ମସିହା ଏପ୍ରିଲ୍ ମାସରେ ରେ ଅବସର ଗ୍ରହଣ କରିଥିଲେ । ସ୍ୱର୍ଗତ ପ୍ରଫୁଲ କୁମାର ପାତ୍ର ପାରାଦୀପରେ ପି.ଟି. ସାର୍ , ପାତ୍ର ସାର୍ ନାମରେ ବେଶ୍ ପରିଚିତ ଥିଲେ । ସେ ଜଣେ ଛାତ୍ରବତ୍ସଳ ଶିକ୍ଷକ ଭାବେ ସବୁ ମହଲରେ ପ୍ରିୟ ପାତ୍ର ଥିଲେ । ତାଙ୍କର ପତ୍ନୀ ଓ ୩ ପୁତ୍ର



ଅଛନ୍ତି । ତାଙ୍କ ବିୟୋଗରେ ପାରାଦୀପ ଅଂଚଳରେ ଶିକ୍ଷକ, ଛାତ୍ରଛାତ୍ରୀ ଏବଂ ବୁଦ୍ଧିଜୀବୀ ମହଲରେ ଶୋକର ଛାୟା ଖେଳି ଯାଇଛି । ପୁରାତନ ଛାତ୍ର ତଥା ସାମ୍ବାଦିକ ଶଶାଙ୍କ ଶେଖର ଆଚାର୍ଯ୍ୟ, ସଂଜୟ କୁମାର ମିଶ୍ର, ରବିନ୍ଦ୍ର କୁମାର ଜେନା,ବିଶ୍ୱନାଥ ବଳ,ଜଗନ୍ନାଥ ଶତପଥି,ଦୀପକ ଦାସ,ଆଦିତ୍ୟ ରଂଜନ ରାଉତରାୟ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହ ଅମର ଆତ୍ମାର ସଦଗତି କାମନା କରିଛନ୍ତି ।

## ଏସାର ପାଳିଲା ଜାତୀୟ ସଡକ ସୁରକ୍ଷା ସପ୍ତାହ



ପାରାଦୀପ, (ପି.ଏନ): ଏସାର ବଲ୍କ୍ ଟର୍ମିନାଲ ପାରାଦୀପ ଲିମିଟେଡ୍ ଆନୁକୁଲ୍ୟରେ ୩୩ତମ ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଏକ ସଚେତନତା କାର୍ଯ୍ୟକ୍ରମରେ ଏସାର ପୋର୍ଟସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ୟୁ.ଭେଙ୍କଟରାଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପାରାଦୀପର ମୁଖ୍ୟ ରାସ୍ତାରେ ଘଟୁଥିବା ଅକସ୍ମାତ ଦୁର୍ଘଟଣାକୁ ପ୍ରଶମିତ କରିବା ପାଇଁ ବିଭିନ୍ନ ପ୍ରକାର ସଚେତନତା ମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କମ୍ପାନୀର ମୁଖ୍ୟ ନିରାପତ୍ତା ଅଧିକାରୀ ଦୀପକ କୁମାର ରେଡ୍ଡୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କମ୍ପାନୀର ମହାପ୍ରବନ୍ଧକ ଅନନ୍ତ ସୁବୁଦ୍ଧିରାୟ, ମୁଖ୍ୟଅର୍ଥ ପରାମର୍ଶଦାତା ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଯୋଗ ଦେଇ ସଡକ ସୁରକ୍ଷା ସପ୍ତାହର ପ୍ରତିବଦ୍ଧତା ସମ୍ବନ୍ଧରେ ସ୍ୱଚ୍ଛିକରଣ ରଖିଥିଲେ । ଶେଷରେ ନିରାପତ୍ତା ଅଧିକାରୀ ବିଭୁ ରନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ବି ମେଡିକଲର ଉତ୍ପାଦନ ସୁବିଧା ସିଷ୍ଟମ୍ସ ଗୁଜୁରାଟର ମୁନ୍ଦ୍ରାଠାରେ ଉଦଘାଟିତ

ଭୁବନେଶ୍ୱର, (ପି.ଏନ): ଲାକସମବର୍ଗ'ରେ ମୁଖ୍ୟାଳୟ ଥିବା ମେଡିକଲ କୋଲ୍ଡ ଚେନ ସଲ୍ୟୁସନର ଏକ ବୈଶିକ ଅଗ୍ରଣୀ ବି ମେଡିକଲ ସିଷ୍ଟମ୍ସ ଗୁଜୁରାଟର ମୁନ୍ଦ୍ରାଠାରେ ଏହାର ନୂତନ ଭାରତୀୟ ଉତ୍ପାଦନ ସୁବିଧାକୁ ଉଦଘାଟନ କରିଛି । ୧୦୦ କୋଟିରୁ ଅଧିକ ପ୍ରି ବିନିଯୋଗରେ ନିର୍ମିତ ଏହି ଉତ୍ପାଦନ କେନ୍ଦ୍ରର ବାର୍ଷିକ ଉତ୍ପାଦନ କ୍ଷମତା ୧୦୦,୦୦୦ ୟୁନିଟ ପର୍ଯ୍ୟନ୍ତ ରହିଛି । ଯେଉଁଥିରେ କୋଲ୍ଡ ଚେନ ଉତ୍ପାଦ ଯଥା ଟିକା ରିଫ୍ରିଜରେଟର, ଫ୍ରିଜର ଏବଂ ପରିବହନ ବକ୍ସଭଳି ମେଡିକଲ ଉପକରଣ ଉତ୍ପାଦନ କରାଯିବା ସହିତ ଚାହିଦା ଆଧାରରେ ଉତ୍ପାଦନ କ୍ଷମତା ମଧ ଶୀଘ୍ର ବୃଦ୍ଧି କରାଯିବ । ମୁନ୍ଦ୍ରାର ଏହି ସୁବିଧା ୟୁରୋପ ବାହାରେ କମ୍ପାନୀର ସର୍ବପ୍ରଥମ ଉତ୍ପାଦନ ସୁବିଧା ଅଟେ ଏବଂ ଏହସ କଚ୍ଛ ଅଂଚଳରେ ଶହ ଶହ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି । ଲାକସମବର୍ଗର ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ଜେଭିଅର ବେଟେଲ ଏହି ଉତ୍ସବର ଶୋଭା ବଢାଇଥିଲେ ଏବଂ ତାଙ୍କ ବାର୍ତାରେ କହିଥିଲେ, ବମୁଁ ଅତ୍ୟଧିକ ସନ୍ତୁଷ୍ଟ ଯେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଏକ ବର୍ଷରୁ ଅଧିକ ସମୟ ପୂର୍ବେ ମୁଁ କରିଥିବା ପ୍ରଥମ ଆଭାସୀ ଶିଖର ସମ୍ମିଳନୀ ଏତେ ଶୀଘ୍ର ଫଳପ୍ରଦ ହୋଇଥିଲା । ଏକ ବର୍ଷରୁ କମ ସମୟ ମଧରେ ବି ମେଡିକଲସିଷ୍ଟମ୍ସ ର ଟିମ ଏହି ମେକ ଇନ ଇଣ୍ଡିଆ ଉତ୍ପାଦନ କେନ୍ଦ୍ର ସ୍ଥାପନ କରି ଗୁଜୁରାଟ ରାଜ୍ୟରେ ମେଡିକଲ କୋଲ୍ଡ ଚେନ ଉପକରଣ ଉତ୍ପାଦନ ଆରମ୍ଭ କରିଛି, ଯାହାକୁ ମୁଁ ଏହାର ପ୍ରି ବିନିଯୋଗ ବନ୍ଧୁତା ପାଇଁ ପ୍ରଶଂସା କରିବାକୁ ଚାହୁଁଛି ।ବ ସେ ଭାରତରେ ବି ମେଡିକଲ ସିଷ୍ଟମ୍ସ ର ଯାତ୍ରାରେ ସମର୍ଥନ କରିଥିବାରୁ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ, ବୈଦେଶିକ ବ୍ୟାପାର



ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଗୁଜୁରାଟ ସରକାର, ନିବେଶ ଭାରତ ଏବଂ ଇଣ୍ଡେକ୍ସଟିବି'କୁ ମଧ ଧନ୍ୟବାଦ ଜଣାଇଛନ୍ତି ।ରାଷ୍ଟ୍ରୀୟ ପଶୁ ରୋଗ ନିୟନ୍ତ୍ରଣ ପ୍ରୋଗ୍ରାମ ଉନ୍ନତ କରିବାରେ ଏକ ବଡ ଭୂମିକା ନିଭାଇବା ପାଇଁ ଭାରତରେ ତିଆରି ପ୍ରଥମ ମଲ୍ଟି-ମୋଡ ଟିକା ରିଫ୍ରିଜରେଟର/ଫ୍ରିଜର ଏବଂ ବି ମେଡିକଲ ସିଷ୍ଟମ୍ସ ର ଆଇସ ପେକ ଫ୍ରିଜର ୟୁନିଟ ମାନ୍ୟବର କେନ୍ଦ୍ର ମନ୍ତ୍ରୀ,ମତ୍ସ୍ୟ ପାଳନ, ପଶୁପାଳନ ଏବଂ ଦୁଗ୍ଧ ଉତ୍ପାଦନ ମନ୍ତ୍ରଣାଳୟ, ଭାରତ ସରକାର,ଶ୍ରୀ ପରଶୋତମ ରୂପାଲା ଉନ୍ମୋଚନ କରିଛନ୍ତି। ବମୁଁ ଭାରତ ଏବଂ ଲାକସମବର୍ଗର ପ୍ରଧାନମନ୍ତ୍ରୀଙ୍କୁ ମୋର ପ୍ରଶଂସା ଜଣାଉଛି ଯାହାଙ୍କର ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଏହି ଦ୍ୱିପାକ୍ଷିକ ପ୍ରକଳ୍ପର ଶୁଭାରମ୍ଭ କରିଛି, ଯାହା କେବଳ ଲକ୍ଷ ଲକ୍ଷ ମାନବ ଜୀବନ ରକ୍ଷା କରିବ ନାହିଁ ବରଂ ପଶୁମାନଙ୍କଜୀବନ ମଧ ରକ୍ଷା କରିବ। ଅଦାନୀ ବନ୍ଦର ଏବଂ ଏସଇଜେଡ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ରକ୍ଷିତ ଶାହ, ଆନ୍ତର୍ଜାତୀୟ ଶିଶୁରୋଗ ସଂଘ'ର ଅଧକ୍ଷ ଡକ୍ଟର ନବୀନ ଠାକର, ଡକ୍ଟର ଉପେନ୍ଦ୍ର ଏସ.କିଓ୍ୱଡେକର (ଅଧକ୍ଷଇଲେକ୍ଟ-୨୦୨୨, ଇଣ୍ଡିୟନ ଏସୋସିଏସନ ଅଫ ପେଡିଆଟ୍ରିକ୍ସ) ଏବଂ ଡକ୍ଟର ବକୁଳ ପାରେଖଙ୍କ (ଅଧକ୍ଷ - ୨୦୨୦, ଇଣ୍ଡିଆନ ଏକାଡେମୀ ଅଫ ପେଡିଆଟ୍ରିକ୍ସ)ଉପସ୍ଥିତିରେ ଭାରତରେ ଲାକସମବର୍ଗର ଗ୍ରେଣ୍ଡ ଡଚି'ର ମାନ୍ୟବର ରାଷ୍ଟ୍ରଦୂତ ଶ୍ରୀମତୀ ପେଗି ଫ୍ରନ୍‌ଟଜେନ କାରଖାନାକୁ ଉଦଘାଟନ କରିଥିଲେ ।ଉଦଘାଟନୀ ସମାରୋହରେ ଗୁଜୁରାଟର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ଭୁପେନ୍ଦ୍ର ରଜନୀକାନ୍ତ ପଟେଲ, ଶ୍ରୀ ସନ୍ଦୀପ ଚକ୍ରବର୍ତୀ, ଆଇଏଫଏସ, ଅଦାନୀ ଫାଉଣ୍ଡେସନର ଅଧକ୍ଷ ଡକ୍ଟର ପ୍ରୀତି ଜି ଅଦାନୀ, ଅଦାନୀ ବନ୍ଦର ଏବଂ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ ଲିମିଟେଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କରଣ ଅଦାନୀ, ସିଇଓ ନିବେଶ ଇଣ୍ଡିଆ ଶ୍ରୀ ଦୀପକ ବାଗଲା,ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ, ଭାରତ ସରକାର ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କର ଭିଡିଓ ବାର୍ତା ଏବଂ ଟିପ୍ପଣୀ ଦେଖାଯାଇଥିଲା । ଅଦାନୀ ବନ୍ଦର ଏବଂ ଏସଇଜେଡ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ରକ୍ଷିତ ଶାହ ବି ମେଡିକଲ ସିଷ୍ଟମ୍ସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ଗତ ବର୍ଷର ଯାତ୍ରାକୁ ଦର୍ଶାଉଥିବା 'ଆମର ମେକ ଇନ ଇଣ୍ଡିଆ ଯାତ୍ରା' ସ୍ମୃତିକୁ ଉନ୍ମୋଚନ କରିଥିଲେ ।ବଚାରି ଦଶନ୍ଧିରୁ ଅଧିକ ସମୟ ଧରି ବି ମେଡିକଲ ସିଷ୍ଟମ୍ସ ଲାକସମବର୍ଗରୁ ସମଗ୍ର ବିଶ୍ୱରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଉତ୍ପାଦଯୋଗାଇ ଆସୁଛି । ଆଜି, ଅଦାନୀ ଗ୍ରୁପ ପରିସର ମଧରେ ମୁନ୍ଦ୍ରାରେ ଆମେ ଆମର ଦ୍ୱିତୀୟ ଘର ପାଇଲୁ ।ଭାରତରେ ଆମରଯାତ୍ରା ଏକ ନିଖୁଣ ଅନୁଭୂତି ଅଟେ । ମୁଁ ଏହି ଅବସରରେ ଅଳ୍ପ କିଛି ନାମ ଯଥା ଭାରତର ସରକାର, ଲାକସମବର୍ଗର ସରକାର, ଗୁଜୁରାଟର ସରକାର ଏବଂ ଭାରତ ଏବଂ ଲାକସମବର୍ଗର ଦୂତାବାସ ସମେତ ସମସ୍ତଙ୍କୁ କୃତଜ୍ଞତା ଜଣାଉଛି ଏବଂ ସେମାନଙ୍କଠାରୁ ପାଇଥିବା ଅବିଶ୍ୱସନୀୟ ସମର୍ଥନର ମଧ ସାକ୍ଷୀ ରହୁଛିନ୍ତି ବି ମେଡିକଲ ସିଷ୍ଟମ୍ସ ର ସିଇଓ ଶ୍ରୀ ଲ୍ୟୁକ ପ୍ରୋଭୋଷ୍ଟ ଏହି ଅବସରରେ ତାଙ୍କ ବାର୍ତାରେ କହିଥିଲେ।

## ବଢିଲେ ଭୋଟର : ଜିଲ୍ଲାର କମ୍ ଜନସଂଖ୍ୟା ବ୍ଲକ ବାଂଶପାଳ

କେନ୍ଦୁଝର,(ପି.ଏନ): କେନ୍ଦୁଝର ଜିଲ୍ଲାରେ ଗ୍ରାମାଂଚଳମାନଙ୍କରେ ବସବାସ କରୁଥିବା ୧୧ଲକ୍ଷ ୮୫ହଜାର ୭୪୮ଜଣ ଭୋଟର ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମୂଲ୍ୟବାନ ମତ ପ୍ରଦାନ କରିବେ ବୋଲି ଚୂଡାନ୍ତ ହୋଇଛି । ତେବେ ୨୦୧୭ମସିହାରେ ଅନୁଷ୍ଠିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ୧୦ଲକ୍ଷ ୮୩ହଜାର ୧୦ଜଣ ଭୋଟର ରହିଥିବାବେଳେ ଚଳିତ ଥର ଏହାର ସଂଖ୍ୟା ବୃଦ୍ଧି ପାଇ ୧୧ଲକ୍ଷ ୮୫ହଜାର ୭୪୮ ହୋଇଛି । ୫ବର୍ଷ ମଧ୍ୟରେ ଯୋଗ-ବିଯୋଗ ହୋଇ ଜିଲ୍ଲାରେ ୧ଲକ୍ଷ ୨ହଜାର ୭୩୮ଜଣ ଗ୍ରାମାଞ୍ଚଳ ଭୋଟରଙ୍କ ସଂଖ୍ୟା ବୃଦ୍ଧି ପାଇଛି ବୋଲି ସରକାରୀ ଭାବେ ଜଣାପଡିଛି । ସରକାରୀ ତଥ୍ୟ ଅନୁସାରେ ଜିଲ୍ଲାରେ ବାଂଶପାଳ ବ୍ଲକରେ ସବୁଠାରୁ କମ ଭୋଟର ରହିଛନ୍ତି । ପୂର୍ବପରି ଜିଲ୍ଲାର ହାଟଡିହି ବ୍ଲକ ଭୋଟରଙ୍କ ଦୃଷ୍ଟିରୁ ବଡ ବ୍ଲକ ଭାବେ ରହିଛି । ୨୦୨୨ ମସିହା ପଂଚାୟତ ନିର୍ବାଚନ ପାଇଁ କେନ୍ଦୁଝର ଜିଲ୍ଲାର ହାଟଡିହି ବ୍ଲକର ଭୋଟରଙ୍କ ସଂଖ୍ୟା ୧ଲକ୍ଷ ୩୨ହଜାର ୫୫୪ ରହିଛି । ଦ୍ୱିତୀୟରେ ଘଷିପୁରା ବ୍ଲକର ଭୋଟରଙ୍କ ସଂଖ୍ୟା ୧ଲକ୍ଷ ୨୦ହଜାର ୪୩୦ ରହିଛି । ତୃତୀୟରେ କେନ୍ଦୁଝର ସଦର ବ୍ଲକରେ ଭୋଟରଙ୍କ ସଂଖ୍ୟା ୧ଲକ୍ଷ ୧୯ହଜାର ୭୮୮ ରହିଛି । ଭୋଟରଙ୍କ ସଂଖ୍ୟା ଦୃଷ୍ଟିରୁ ଜିଲ୍ଲାର ଚତୁର୍ଥ ସ୍ଥାନରେ ରହିଛି ହରିଚନ୍ଦନପୁର ବ୍ଲକ । ଏହି ବ୍ଲକରେ ୧ଲକ୍ଷ ୩ହଜାର ୧୮୯ଜଣ ଭୋଟର ରହିଛନ୍ତି । ଅଧିକ ଭୋଟର ଥିବା ବ୍ଲକମାନଙ୍କ ମଧ୍ୟରେ ପଂଚମ ସ୍ଥାନରେ ରହିଛି ଘଟଗାଁ ବ୍ଲକ । ଏହି ବ୍ଲକରେ ୮୯ହଜାର ୯୮୫ଜଣ ଭୋଟର ରହିଛନ୍ତି । ଏହା ପରକୁ ଷଷ୍ଠ ସ୍ଥାନରେ ରହିଛି ଝୁମ୍ପୁରା ବ୍ଲକ । ଝୁମ୍ପୁରା ବ୍ଲକର ଭୋଟରଙ୍କ ସଂଖ୍ୟା ୮୫ହଜାର୪୬୭ ରହିଛି । ସପ୍ତମ ସ୍ଥାନରେ ରହିଛି ଆନନ୍ଦପୁର ବ୍ଲକ । ଏହାର ଭୋଟର ସଂଖ୍ୟା ୮୩ହଜାର ୩୦୨ ରହିଛି । ଅଷ୍ଟମ ସ୍ଥାନରେ ରହିଛି ପାଟଣା ବ୍ଲକ । ଏହି ବ୍ଲକରେ ଭୋଟରଙ୍କ ସଂଖ୍ୟା ୮୨ହଜାର ୪୬ ରହିଛି । ଏହା ପରକୁ ନବମ ସ୍ଥାନରେ ରହିଛି ଯୋଡା ବ୍ଲକ । ଏହାର ଭୋଟର ସଂଖ୍ୟା ୮୧ହଜାର୪୬୫ ରହିଛି । ଦଶମ ସ୍ଥାନରେ ରହିଛି ଚମ୍ପୁଆ ବ୍ଲକ । ଏହାର ଭୋଟରଙ୍କ ସଂଖ୍ୟା ୭୮ହଜାର ୨୮୧ ରହିଛି । ଭୋଟରଙ୍କ ସଂଖ୍ୟା ଦୃଷ୍ଟିରୁ ଏକାଦଶ ସ୍ଥାନରେ ରହିଛି ତେଲକୋଇ ବ୍ଲକ । ଏହି ତେଲକୋଇ ବ୍ଲକରେ ୭୨ହଜାର ୭୯୮ଜଣ ଭୋଟର ରହିଛନ୍ତି, ଯେଉଁମାନେ ଚଳିତ ପଂଚାୟତ ନିର୍ବାଚନରେ ସେମାନଙ୍କର ମତଦାନ କରିପାରିବେ । ଦ୍ୱାଦଶ ସ୍ଥାନରେ ରହିଛି ସାହାରପଡା ବ୍ଲକ । ଏଠାରେ ମୋଟ ଭୋଟରଙ୍କ ସଂଖ୍ୟା ୬୯ହଜାର ୪୬୨ ରହିଛି । ଶେଷରେ ତ୍ରୟୋଦଶ ବ୍ଲକ ଭାବେ ବାଂଶପାଳ ବ୍ଲକର ଭୋଟରଙ୍କ ସଂଖ୍ୟା ୬୬ହଜାର ୯୮୧ ରହିଛି । କେନ୍ଦୁଝର ଜିଲ୍ଲାର ହାଟଡିହ ବ୍ଲକରେ ୪ଗୋଟି ଜିଲ୍ଲା ପରିଷଦ ଆସନ ଥିବାବେଳେ ଘଷିପୁରା,ସଦର, ହରିଚନ୍ଦନପୁର, ଘଟଗାଁ,ପାଟଣା, ଝୁମ୍ପୁରା, ଯୋଡା, ଚମ୍ପୁଆ, ଆନନ୍ଦପୁର ବ୍ଲକମାନଙ୍କରେ ୩ଟି ଲେଖାଏଁ ଜିଲ୍ଲା ପରିଷଦ ଆସନ ରହିଛି । ତେଲକୋଇ,ବାଂଶପାଳ ଓ ସାହାରପଡା ବ୍ଲକରେ ୨ଟି ଲେଖାଏଁ ଜିଲ୍ଲାପରିଷଦ ଜୋନ ରହିଛି ।

## ଓଷ୍ଟା, କେନ୍ଦୁଝରର ମହିଳା ଶିକ୍ଷକ କର୍ମଶାଳା

କେନ୍ଦୁଝର,(ପି.ଏନ):ଶିକ୍ଷା ଓ ସମାଜ କଲ୍ୟାଣ ଦିଗରେ ମହିଳା ଶିକ୍ଷକଙ୍କ ଭୂମିକାକୁ ଅଧିକ ଗତିଶୀଳ ଓ କର୍ମ ତତ୍ପର କରିବା ନିମନ୍ତେ ଓଷ୍ଟା କେନ୍ଦୁଝରର ମାଧ୍ୟମରେ ଏକ ମହିଳା ଶିକ୍ଷକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଜିଲ୍ଲା ଓଷ୍ଟାର ସଭାପତି ରଘୁନାଥ ବେହେରା ଅଧକ୍ଷତା କରିଥିଲେ । ସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ର ସଭାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଓଷ୍ଟା କେନ୍ଦୁଝର ମହିଳା ଶାଖାର ସମ୍ପାଦିକା ସୁଚରିତା ରାଉତଙ୍କ ସହିତ ପୁଷ୍ପାଳି ମିଶ୍ର, ଅହଲ୍ୟା ମହାନ୍ତ, ଜ୍ୟୋତିର୍ମୟୀ ପ୍ରିୟଦର୍ଶିନୀ ଓ ଜ୍ୟୋତି କମଳ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଏଥିରେ ଅଂଶଗ୍ରହଣ କରି ଓଷ୍ଟାର ରାଜ୍ୟ କାର୍ଯ୍ୟକାରୀ ସଭାପତି ଭିକାରୀ ଚରଣ ସାହୁ, ରାଜ୍ୟ ସମ୍ପାଦକ କାହ୍ନୁଚରଣ ସାମଲ, ଜିଲ୍ଲା ଉପଦେଷ୍ଟା କ୍ଷୀରୋଦ କୁମାର ରାଉତ, କାର୍ଯ୍ୟକାରୀ ସଭାପତି ଯୁଧିଷ୍ଠିର ମହାନ୍ତ, ପ୍ରଦୀପ ହଜାରୀ, ଉପସଭାପତି ମନ୍ମଥ ମହାନ୍ତ, ରନ କୁମାର ଘଡେଇ ପ୍ରମୁଖ ଶିକ୍ଷିକା ମାନଙ୍କର ଗୁରୁତ୍ୱ ଓ ସମାନ ଅଧିକାର ସମ୍ପର୍କରେ ଆଲୋକପାତ କରିଥିଲେ ।

## ଓଡ଼ିଶା-୫୦ ଉଦ୍‌ଘାଟିତ : ନାରୀ ସଶକ୍ତିକରଣରେ ଓଡ଼ିଶାର ପ୍ରୟାସ ପ୍ରଶଂସନୀୟ : ରାଜ୍ୟପାଳ

ଭୁବନେଶ୍ୱର, (ପି.ଏନ): ସୃଷ୍ଟିର ଆଧାର ହେଉଛି ନାରୀଶକ୍ତି । ନାରୀଶକ୍ତିର ସଫଳ ଉପଯୋଗ ଓ ପ୍ରୟୋଗରେ ଅଛି ପ୍ରଗତିର ସୂତ୍ର । ଯେଉଁ ସମାଜ ନାରୀଶକ୍ତିକୁ ଅବହେଳା କରିଛି, ନକାରାତ୍ମକ ଫଳ ଭୋଗିଛି । ଭାରତୀୟ ଐତିହ୍ୟ ଓ ପରମ୍ପରାରେ ନାରୀକୁ ସର୍ବୋଚ୍ଚ ଆସନ ଦିଆଯାଇଛି । ସୁଖର କଥା, ସଂପ୍ରତି ନାରୀ ସଶକ୍ତିକରଣ ପାଇଁ ଓଡ଼ିଶାରେ ପ୍ରଶଂସନୀୟ ପ୍ରୟାସ ହେଉଛି ଏବଂ ଏହାର ବ୍ୟାପକ ପ୍ରଭାବ ସବୁସ୍ତରରେ ଅନୁଭୂତ ହେଉଥିବା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି । ଆଜି ଭୁବନେଶ୍ୱରରେ ଫିକି, ମିଶନ ଶକ୍ତି ଓ 'ସମ୍ବାଦ' ଆନୁକୂଲ୍ୟରେ ଆୟୋଜିତ 'ଓଡ଼ିଶା-୫୦' କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଫେସର ଲାଲ କହିଲେ ଯେ ପରମ୍ପରା ସହ ଆଧୁନିକ ଜ୍ଞାନକୌଶଳର ସମନ୍ୱୟ ଆଜିର ଆବଶ୍ୟକତା । ମହିଳାମାନେ ଏଥିରେ ପ୍ରମୁଖ ଭୂମିକା ନେଇପାରିବେ । ଏଥି ନିମନ୍ତେ ଅନୁକୂଳ ପରିବେଶ ଏକାନ୍ତ ଜରୁରୀ । ଏପରି ପ୍ରୟାସ ଏ ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ଏବଂ ମହିଳା ସଶକ୍ତିକରଣ ଓ ମହିଳା ଔଦ୍ୟୋଗିକତା କ୍ଷେତ୍ରରେ ଏହା ଉତ୍‌ପ୍ରେରକ ଭୂମିକା ନେବ ବୋଲି ରାଜ୍ୟପାଳ ପ୍ରକାଶ କରିଛନ୍ତି । ବିଧାୟକ ତଥା 'ସମ୍ବାଦ' ଗ୍ରୁପ୍ ର ଅଧକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ ପ୍ରୟାସ ଅତ୍ୟନ୍ତ ପ୍ରେରଣାଦାୟୀ ବୋଲି ପ୍ରକାଶ କରିବା ସହ ସଂପୃକ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । 'ସମ୍ବାଦ' ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ତଥା ଫିକି ଓଡ଼ିଶାର ଅଧକ୍ଷ ମୋନିକା ନାୟାର ପଟ୍ଟନାୟକ ଓଡ଼ିଶା-୫୦ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ସୂଚନା ଦେଇଥିଲେ । ଉତ୍ସବରେ ରାଜ୍ୟପାଳ ୩୩ ଜଣ ଗ୍ରାମୀଣ ମହିଳା ଉଦ୍ୟୋଗୀଙ୍କୁ 'ଶାରଦା ସୀମା ସମ୍ମାନ' ପ୍ରଦାନ କରିଥିଲେ । ଏହି ଅବସରରେ ଏକ କଫି ଟେବୁଲ୍ ବୁକ୍ 'ଓଡ଼ିଶା-୫୦' ମଧ ଉନ୍ମୋଚିତ ହୋଇଥିଲା ।

## ଚୋରମୁହାଁ କୃଷି ସମବାୟ ସମିତିରେ ଧାନମଣ୍ଡି ଖୋଲିଲା

ଧର୍ମଶାଳା,(ପିଏନ୍): ଧର୍ମଶାଳା ବ୍ଲକ ଜାରକାସ୍ଥିତ ଚୋରମୁହାଁ ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ଧାନ କିଣିବାପାଇଁ ମଣ୍ଡି ଆଜି ଉଦ୍‌ଘାଟିତ ହୋଇଯାଇଛି । ସମିତି ସଂପାଦକ ଶମ୍ଭୁଦତ୍ତ ମହାନ୍ତିଙ୍କ ସଂଚାଳନରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ କୃଷକ ନେତା ବସନ୍ତ ପରିଡ଼ା, ବିଜେଡି ନିର୍ବାଚନ ମଣ୍ଡଳୀ ସଭାପତି ଜଳଧର ସାହୁ, ବିଶିଷ୍ଟ ଚାଷୀ ମଧୁସୂଦନ ସାହୁ, ଶଶୀକାନ୍ତ ସାମଲ, ଲୋକନାଥ ପଲେଇ, ଚାଷୀ ଜଳଧର ସାହୁ, ଗୟାଧର ମହାନ୍ତି ଯୋଗଦେଇ ଧାନମଣ୍ଡି ଉଦ୍‌ଘାଟନ କରିଥିଲେ । ଆର.ଏମ୍.ସି ପକ୍ଷରୁ ସାମନ୍ତ ଭିକାରୀ ଚରଣ ଧୀର ଯୋଗଦେଇଥିଲେ। ଚଳିତବର୍ଷ ଚାଷୀମାନଙ୍କଠାରୁ କ୍ୱିଣ୍ଟାଲ ପିଛା ଗ୍ରେଡ୍.ଏ ଧାନ ୧୯୬୦ ଟଙ୍କା ଓ ସାଧାରଣ ବର୍ଗ ଧାନ ୧୯୪୦ ଟଙ୍କାରେ କରାଯିବାକୁ ଧାର୍ଯ୍ୟ କରାଯାଇଛି । ବିଶେଷକରି ସାମାଜିକ




ଦୂରତା ରକ୍ଷାକରାଯାଇ ଚାଷୀମାନଙ୍କଠାରୁ ଧାନ କିଣାଯିବ ବୋଲି ସଂପାଦକ ଶ୍ରୀମ ମହାନ୍ତି ପ୍ରକାଶ କରିଛନ୍ତି । ଏହି ସମିତି ଅଧୀନରେ ଥିବା ଚୋରମୁହାଁ ଓ ଚହଟା ପଂଚାୟତର ଚୋରମୁହାଁ, ବଡ଼ମଙ୍ଗଳପୁର, ଚହଟା, କପିଳେଶ୍ୱରପୁର, ସାନମଙ୍ଗଳପୁର, ଭାଲୁଖାଇ, ବାଲିଗିରି, ନରସିଂହପୁର, ଭବାନୀପୁର ପଂଚାୟତର ବଡ଼ଚଣାବାରି, ଭବାନୀପୁର, ମଣିନାଥପୁର, ବଳଭଦ୍ର ପାଟଣା, ଜାରକା ପଂଚାୟତର ଜାରକା, ଦୁବଗଡ଼ିଆ, ନୂଆଗାଁ, ଜାମୁବଣିଆ, ପଣ୍ଡୁଆ, କୁମାରୀ ପଂଚରାୟତର କୁମାରୀ, ଦେଉଳି, ଦେଉଳିପାଳ, ଗଂଗାଧରପୁର ପଂଚାୟତର କଣିପାଟିଆ, ପଲାର, ଜାଲସୁଖା, ବ୍ରାହ୍ମଣଦା, ରଥିଆ, ଇମାମନଗର, ରଘୁନାଥପୁର ଶାସନ, ଗଂଗାଧରପୁର, ଥାନୁଆଳ ପଂଚାୟତ ଗୁଆରଙ୍ଗ, ଥାନୁଆ. ହରିଦାସପୁରର ଶ୍ରୀବନ୍ତପୁର ପ୍ରଭୃତି ଚାଷୀମାନଙ୍କଠାରୁ ମଣ୍ଡିରେ ଧାନ କିଣାଯିବ ବୋଲି ସୂଚନା ମିଳିଛି । ସ୍ୱାଧୀନତା ସଂଗ୍ରାମୀ ପୂର୍ବତନ ମନ୍ତ୍ରୀ ତଥା ପରିବେଶବିତ୍ ବାଙ୍କବାବୁଙ୍କ ଜୟନ୍ତୀ ପାଳିତ ଓ ଚାରାରୋପଣ

## ଶିଶୁ ହିଂସା ରୋକିବାପାଇଁ ପାଇଁ ସିଏସଓମାନଙ୍କ ସହିତ ରାଜ୍ୟସ୍ତରୀୟ ଆଲୋଚନା

ଭୁବନେଶ୍ୱର, (ପି.ଏନ): ଶିଶୁଙ୍କ ବିରୁଦ୍ଧରେ ଘଟୁଥିବା ହିଂସାକୁ ରୋକିବାପାଇଁ ଏଠାରେ ନେସନାଲ ଆକ୍ସନ ଆଣ୍ଡ କୋର୍ଡିନେସନ ଗ୍ରୁପ ଫର ଏନଣ୍ଡିଂ ଭାଇଓଲେନ୍ସ ଏଗନେଷ୍ଟ ଚିଲଡ୍ରେନ (ଏନଏସିଜି ଇଭିଏସି) ଇଣ୍ଡିଆ, ସ୍ୱେଚ୍ଛାସେବୀ ସଂଗଠନ ପିକକ, ଓଡିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗ ଏବଂ ଡବ୍ଲ୍ୟୁଭିଆଇ ଓ ବିଏମଜେଡର ମିଳିତ ଆନୁକୂଲ୍ୟରେ ଦୁଇ ଦିନିଆ ରାଜ୍ୟ ସ୍ତରୀୟ ସିଭିଲ୍ ସୋସାଇଟି ସଂଗଠନ ଏବଂ ହିତାଧିକାରୀଙ୍କ କର୍ମଶାଳା ଆୟୋଜିତ ହୋଇଛି ।ଏନଏସିଜି-ଇଭିଏସି ଇଣ୍ଡିଆର ରାଜ୍ୟ ସଂଯୋଜକ ପ୍ରକାଶ ରଥ ସ୍ୱାଗତ ଭାଷଣ ଦେଇଥିବାବେଳେ ଏନଏସିଜି-ଇଭିଏସିର ଜାତୀୟ ଅଧକ୍ଷ ରଞ୍ଜନ ମହାନ୍ତି ମୁଖ୍ୟ ଅଭିଭାଷଣ ପ୍ରଦାନ କରିଥିଲେ । ସେ ଏନ୍‌ଏସିଜି ଇଣ୍ଡିଆର ଲକ୍ଷ୍ୟ ଏବଂ ଶିଶୁମାନଙ୍କ ପ୍ରତି ହିଂସାକୁ ବିଲୋପ କରିବା ପାଇଁ ସାଉଥ ଏସିଆନ ଇନିସିଏଟିଭ ଟୁ ଏଣ୍ଡ ଭାଇଓଲେନ୍ସ ଏଗନେଷ୍ଟ ଚିଲଡ୍ରେନ (ସାଇଭାକ) ସହିତ ଏହାର ସହଯୋଗ ବିଷୟରେ ସୂଚନା ଦେଇଥିଲେ । ପିଲାମାନଙ୍କର ନିରାପତା ପାଇଁ ଏକ ସୁରକ୍ଷିତ ପରିବେଶ ସୃଷ୍ଟି କରିବା ଦିଗରେ ପିତାମାତା ଏବଂ ବ୍ୟକ୍ତିମାନଙ୍କର କର୍ତବ୍ୟ ଏବଂ ଦାୟିତ୍ୱ ଉପରେ ସେ ନିଜର ମତ ଉପସ୍ଥାପନ କରିଥିଲେ ।ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ସଂଧ୍ୟାବତୀ ପ୍ରଧାନ ଶିଶୁ ଯୌନ ହିଂସାର ବିଲୋପ ଓ ଆଇନର କାର୍ଯ୍ୟକାରିତା ଉପରେ ମତ ରଖିଥିଲେ । ସେ ମଧ ନଭେମ୍ବର ୧ ରୁ ଆରମ୍ଭ ହୋଇ ୧୦ ଡିସେମ୍ବରରେ ଶେଷ ହେବାକୁ ଥିବା ୪୦ ଦିନିଆ ଶିଶୁ ଅଧିକାର ଅଭିଯାନ ଉପରେ ଆଲୋକପାତ କରିଥିଲେ ଏବଂ ବ୍ୟାପକ ସଚେତନତା ଅଭିଯାନ ମାଧ୍ୟମରେ ଏହାକୁ ସମର୍ଥନ କରିବାକୁ ସମସ୍ତ ସିଏସଓ ମାନଙ୍କୁ ନିବେଦନ କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଓଏସସିପିସିଆର ସଦସ୍ୟ ଦିବ୍ୟା ଶାଶ୍ୱତୀ, ପୂର୍ବତନ ସଦସ୍ୟ ହରିହର ନାୟକ, ଆଇନଜୀବୀ ବିଶେଶ୍ୱରୀ ମହାନ୍ତି, ଓଏସସିପିସିଆରର ପୂର୍ବତନ ଅଧକ୍ଷା କସ୍ତୁରୀ ମହାପାତ୍ର, ଓଏସସିପିଏସର ରାଜ୍ୟ ପ୍ରୋଗ୍ରାମ ମ୍ୟାନେଜର ପ୍ରୀତିକାନ୍ତ ପଣ୍ଡା, ପିକକର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ପ୍ରମୁଖ ପକସୋ ଆଇନ ଏବଂ କିଶୋର ସୁରକ୍ଷା ଓ ଯତ୍ନ ଆଇନ, ଅନଲାଇନ୍ ନିରାପତା, ସିଏସଓଙ୍କ ଭୂମିକା, ଶିଶୁ ଅନୁକୂଳ ବ୍ୟବସ୍ଥାର କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ । ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ଓଡିଶାର ସମସ୍ତ ୩୦ ଟି ଜିଲ୍ଲାରୁ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ସିଏସଓ ଅଂଶଗ୍ରହଣ କରିଥିଲେ ଏବଂ ଶିଶୁ ଯୌନ ହିଂସାକୁ କିପରି ଦୂର କରାଯାଇପାରିବ ସେ ସମ୍ବନ୍ଧରେ ବିଭିନ୍ନ ଦିଗ ଉପରେ ପରାମର୍ଶ ଓ ବିଚାର ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ପିକକର ଧର୍ମାନନ୍ଦ ସୁନ୍ଦରରାୟ, ସତ୍ୟଜିତ ମହାପାତ୍ର ଓ ସତ୍ୟସୁନ୍ଦର ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।

# ଖେଳ



ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK
पर्यवेक्षक



Bhubaneswar Friday January 14, 2022 ଭୁବନେଶ୍ୱର ଶୁକ୍ରବାର, ଜାନୁଆରୀ ୧୪,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com




## ବୟାଳିଶମୌଜାରେ ନକଲି ସସ୍ କମ୍ପାନି ଠାବ



ଭୁବନେଶ୍ୱର,(ପି.ଏନ): ବୟାଳିଶମୌଜା ତଇଲିପଡା ଗ୍ରାମରୁ ଏକ ନକଲି ଟମାଟୋ ସସ୍ ତିଆରି କମ୍ପାନିକୁ କମିଶନରେଟ ପୋଲିସ ସିଲ କରିଛି । ମାଲଗୋଦାମରେ ଥିବା ଏକ ଦେକାନରୁ ନକଲି ସସ୍ ବିକ୍ରି ହେଉଥିବା ଖବର ପାଇ ଏସ ସି ପି ଶୁଭନାରାୟଣ ମୁଦୁଲିଙ୍କ ନେତୃତ୍ୱରେ ଏକ ପୁଲିସ ଦଳ ସେହି ଦୋକାନ ଉପରେ ଚଢାଉ କରି କ୍ୟୁଟାଂଲରୁ ଅଧିକ ସସ୍ ଜବତ କରିଥିଲେ । ତାକୁ ଅଧିକ ପଚରାଉଚୁରା କଲାପରେ ଏହି ସସ୍ ବୟାଳିଶମୌଜା ତଇଲିପଡା ଗ୍ରାମରୁ ଆର କେ ଏଂଟରପ୍ରାଇଜସ ଠାରୁ କ୍ରୟ କରାଯାଇଥିବା କଥା ବ୍ୟବସାୟୀ ଜଣକ ସ୍ୱିକାର କରିଥିଲା । ଏହାପରେ ବୟାଳିଶମୌଜା ଥାନା ଆଇଆଇସି ଅନିତା ସାହୁଙ୍କ ସହଯୋଗରେ ଏବଂ ଖାଦ୍ୟ ନିରାପତା ଅଧିକାରୀ ରାକେଶ ସାହୁଙ୍କ ଉପସ୍ଥିତିରେ ତଇଲିପଡା ସ୍ଥିତ ଏହି କମ୍ପାନୀ ଉପରେ ଚଢାଉ କରାଯାଇ ୨୦ କ୍ୟୁଟାଂଲରୁ ଅଧିକ କଖାରୁ ସହିତ ପାକିଙ୍ଗ ପାଇଁ ପ୍ରସ୍ତୁତ ଟମାଟୋ ସସ୍, ପିହୁ ସସ୍ ନାମରେ ଲେବଲ, ୫୦କ୍ୟୁଟାଂଲରୁ ଅଧିକ ଟମାଟୋ ସସ୍ ଜବତ କରିଥିଲା । ଟମାଟୋ ସସ୍ ସହିତ ଆଳୁ ,କିଛି ସବୁଜ ପତ୍ର ଓ କଂଚାଲଙ୍କା ମିଶାଇ ଚିଲିସସ୍ ଏବଂ ଭିନେଗାର ମଧ ଏହି କମ୍ପାନୀରେ ପ୍ରସ୍ତୁତ ହେଉଥିଲା ବୋଲି ପ୍ରାଥମିକ ତଦନ୍ତ ରୁ ଜଣାପଡିଛି । ସମ୍ପୃକ୍ତ ଉତ୍ପାଦନକାରୀ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ଠାରୁ ସସ୍ ତିଆରି ପାଇଁ ଲାଇସେନ୍ସ ଆଣିଥିଲେ ମଧ ସେଥିରେ ଖୀଲାପ କରି ବେଆଇନ ଦ୍ରବ୍ୟ ବ୍ୟବହାର କରି ଖାଦ୍ୟ ଅନୁପଯୁକ୍ତ ସସ୍ ତିଆରି କରୁଥିଲେ ବୋଲି ଖାଦ୍ୟ ନିରାପତା ଅଧିକାରି କହିଛନ୍ତି । କେବଳ କଟକ ସହର ନୁହେଁ ରାଜ୍ୟର ବିଭିନ୍ନ ସ୍ଥାନକୁ ଏହି ନକଲି ସସ୍ ବ୍ୟବସାୟ ନିମନ୍ତେ ପଠାଯାଉଥିଲା ବୋଲି ଉତ୍ପାଦନକାରୀଙ୍କ ରସିଦ ବହିରୁ ଜଣାପଡିଛି । ନକଲି ସସ୍ ପ୍ରସ୍ତୁତ ଅଭିଯୋଗରେ ତଇଲିପଡା ଗ୍ରାମର ରାଜକିଶୋର ମହାପାତ୍ର କୁ ଅଟକ ରଖି ତଦନ୍ତ ଜାରି ରଖିଛି । ଜବତ ହୋଇଥିବା ସସ୍ କୁ ମାନ ପରୀକ୍ଷା ପାଇଁ ପରିକ୍ଷାଗାର ପଠାଇ ଦିଆଯାଇଛି ।

## ବାଞ୍ଛାନିଧି ଦାସ ଶ୍ରୀମତୀଦେବୀ ଚାରିଟେବୁଲ ଟ୍ରଷ୍ଟର ମେଧାବୃତି ପ୍ରଦାନ ଉତ୍ସବ ଘୁଂଚିଲା

କେନ୍ଦ୍ରାପଡା,(ପି.ଏନ): ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ତଥା ଦାତବ୍ୟ ଅନୁଷ୍ଠାନ ବାଞ୍ଛାନିଧି ଦାସ ଓ ଶ୍ରୀମତୀଦେବୀ ଚାରିଟେବୁଲ ଟ୍ରଷ୍ଟର ବାର୍ଷିକ ଉତ୍ସବ ଚଳିତ ମାସ ୨୩ ତାରିଖ ରବିବାର ଅନୁଷ୍ଠିତ ହେବାପାଇଁ ସ୍ଥିର ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଗତ ବର୍ଷମାନଙ୍କ ଭଳି ଚଳିତବର୍ଷ କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ କଲେଜ ଓ କେତେକ ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ମେଧାବୃତି ପ୍ରଦାନ କରାଯାଇଥାନ୍ତା । କିନ୍ତୁ ଦୁଃଖର କଥା ରାଜ୍ୟରେ କରୋନା ଏବଂ ଓମିକ୍ରିନର ଦ୍ରୁତ ସଂକ୍ରମଣକୁ ଆଖି ଆଗରେ ରଖି ରାଜ୍ୟସରକାରଙ୍କ କଟକଣା ଅନୁଯାୟୀ ଏହି କାର୍ଯ୍ୟକ୍ରମକୁ ଅନିଚ୍ଛାକୃତ ଭାବେ ବାତିଲ କରିଦେବା ପାଇଁ ଟ୍ରଷ୍ଟ ବାଧ ହୋଇଛି ।

## ବାଆଁରା ଉନ୍ନତି ମଧ ଇଂରାଜୀ ବିଦ୍ୟାଳୟରେ ପୋଷାକ ବିତରଣ



ବାଙ୍କୀ,(ପି.ଏନ): ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ବାଆଁରା ଉନ୍ନତି ମଧ ଇଂରାଜୀ ବିଦ୍ୟାଳୟରେ କୋଭିଡ କଟକଣା ମଧରେ ୨୦୦ଜଣ ଛାତ୍ରଛାତ୍ରୀଙ୍କୁ ୨ହଳ ପୋଷାକ ଓ ହଳେ ଲେଖାଏଁ ଯୋତା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ବେହେରାଙ୍କ ତତ୍ତ୍ୱାବଧାନରେ ଶିକ୍ଷା କମିଟି ସଭାପତି ଅକ୍ଷୟ କୁମାର ରାଉତ, ଶିକ୍ଷୟିତ୍ରୀ ମିନତି ପଡିହାରୀ, ବରିଷ୍ଠ ଶିକ୍ଷକ ଶଙ୍ଖାଳି ରାଉତ, ଶିକ୍ଷାକମିଟି ସଭ୍ୟ ରମେଶ କୁମାର ଜେନା, ଶିକ୍ଷାକମିଟି ସଦସ୍ୟା ବିଜୟ ଲକ୍ଷ୍ମୀ ରାଉତ, ସସ୍ମିତା ରାଉତ, ଶିକ୍ଷୟିତ୍ରୀ ଅନସୂୟା ପୃଷ୍ଟି, ଅରବିନ୍ଦ ରାଉତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ସତ୍ୟସାଇ ଯୋଗ କେନ୍ଦ୍ରର ପ୍ରଥମ ବାର୍ଷିକ ଉତ୍ସବ




କୋଣାର୍କ,(ପି.ଏନ): ସତ୍ୟ ସାଇ ଯୋଗ କେନ୍ଦ୍ରର ପକ୍ଷରୁ କୋଣାର୍କ ସ୍ଥିତ ଯାତ୍ରୀ ନିବାସ ସମ୍ମ ?ଳନି କକ୍ଷରେ ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ବାର୍ଷିକ ଉତ୍ସବର ପ୍ରାରମ୍ଭରେ ଅତିଥି ମାନେ ମହାପ୍ରଭୁ ଜଗତରନାଥ ଶ୍ରୀଜଗନ୍ନାଥ ନିକଟରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଯୋଗ କେନ୍ଦ୍ରର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଶାନ୍ତିବାଣୀ ପରିବେଷଣ କରାଯାଇଥିଲା । ଯୋଗ କେନ୍ଦ୍ରର ସଭାପତି ପ୍ରାକ୍ତନ ପ୍ରାଧ୍ୟାପକ ଶରତ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ଅତିଥି ଭାବରେ ସ୍ୱାମୀ ଶଙ୍କରାନନ୍ଦ ଗିରୀ, ବାବା ବିଷ୍ଣୁଗିରୀ ମହାରାଜ, ସ୍ୱାମୀ ଅମିତ ନାଥ, ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରଣବ ଶଙ୍କର ଦାଶ, ବରିଷ୍ଠ ସମାଜସେବୀ ପ୍ରଫୁଲ୍ଲ କୁମାର ପାତ୍ର, ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଜସ୍ମିନ ଆଫ୍‌ରୋଜ ଓ ଶିକ୍ଷାବିତ ରବିନ୍ଦ୍ର ନାଥ ବାହିନୀପତି ପ୍ରମୁଖ ଯୋଗଦେଇ ଦୈନନ୍ଦିନ ଜୀବନରେ ସୁସ୍ଥ ଓ ନିରାମୟ ଜୀବନଯାପନ ନିମନ୍ତେ ଯୋଗ ହିଁ ଏକ ମାତ୍ର ମାଧମ ବୋଲି ମତବ୍ୟକ୍ତ କରିଥିଲେ । ପ୍ରତ୍ୟେକ ବ୍ୟକ୍ତି ଯୋଗକୁ ଆପଣେଇ ଏକ ସୁସ୍ଥ ସମାଜ ଗଠନ ଦିଗରେ ବର୍ତୀ ହେବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପୋଢୌକନ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ଯୋଗ କେନ୍ଦ୍ରର ସଂପାଦକ ଯୋଗଗୁରୁ ବାମଦେବ ଆଳୁକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ପ୍ରତାପ କୁମାର ରାଉତ ଓ ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ବାର୍ଷିକ ଉତ୍ସବ ସମାରୋହକୁ ଅଧାପକ ବିଚିତ୍ରା ନନ୍ଦ ଲେଙ୍କା, ଶରତ ଚନ୍ଦ୍ର ଖଟୁଆ, ବସନ୍ତ କୁମାର ଦଳାଇ, ରଶ୍ମିରଞ୍ଜନ ବିଶ୍ୱାଳ, କାମଦେବ ବିଶ୍ୱାଳ, ସାମ୍ବାଦିକ ଧନଂଜୟ ବେହେରା ଓ ରତ୍ନାକର ବଳ ପ୍ରମୁଖ ପରିଚାଳନା କରିଥିଲେ ।

## ଚଣ୍ଡିଖୋଲ କୋର୍ଟ ନୂତନ ସବ୍ ଜଜ୍ ସୌଭାଗ୍ୟ ରଂଜନ ସ୍ୱାଇଁଙ୍କ ଯୋଗଦାନ

ଚଣ୍ଡିଖୋଲ,(ପିଏନ୍):ଚଣ୍ଡିଖୋଲ କୋର୍ଟର ନୂତନ ବରିଷ୍ଠ ସିଭିଲ ଜଜ୍ ତଥା ସହାକାରୀ ଦୌରା ଜଜ୍ ଭାବେ ଆଜି ସୌଭାଗ୍ୟ ରଂଜନ ସ୍ୱାଇଁ ଯୋଗଦାନ କରିଛନ୍ତି । ସେ ଏଥି ପୂର୍ବରୁ ଫୁଲବାଣୀରେ ବିଚାରପତି ଥିଲେ । ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ୍ ପକ୍ଷରୁ ଆଜି ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହି ଉପଲକ୍ଷେ କୋର୍ଟ ବାର ଆସୋସିଏନ୍ କକ୍ଷରେ ସଭାପତି ଦେବରାଜ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଚଣ୍ଡିଖୋଲ କୋର୍ଟର ଜେ.ଏମ୍.ଏଫ୍.ସି ସୌମ୍ୟ ରଂଜନ ପୃଷ୍ଟି ଓ ଜେ.ଏମ୍.ଏଫ୍.ସି ତସଲିମା ଦାସଙ୍କ ସମେତ ବାର ଆସୋସିଏସନର ସମସ୍ତ କର୍ମକର୍ତା ଓ ସଭ୍ୟସଭ୍ୟା ଯୋଗ ଦେଇ ଶ୍ରୀ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ବାର ଆସୋସିଏସନର ଉପ ସଭାପତି ଶ୍ରୀକାନ୍ତ କୁମାର ବଳ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ସଂପାଦକ ପ୍ରକାଶ କୁମାର ଦାଶ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଶେଷରେ ଯୁଗ୍ମ ସଂପାଦକ ସୁଦର୍ଶନ ଘଡ଼େଇ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାରମ୍ଭରେ ସବ୍ ଜଜ୍ ଶ୍ରୀ ସ୍ୱାଇଁ ଓକିଲମାନଙ୍କ ଗହଣରେ କୋର୍ଟ ପରିସରରେ ଥିବା ଜାତିର ପିତା ମହାତ୍ମା ଗାନ୍ଧୀ ଓ ଉତ୍କଳ ଗୌରବ ମଧୁସୂଦନଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ ।

## ଶ୍ରୀବଳଦେବଜୀଉ ମନ୍ଦିର ଅଞ୍ଚଳରେ ୧୪୪ଧାରା ଜାରି

କେନ୍ଦ୍ରାପଡା,(ପି.ଏନ):କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ପକ୍ଷରୁ କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଶ୍ରୀବଳଦେବଜୀଉଙ୍କ ମନ୍ଦିର ଓ ତା'ର ନିକଟବର୍ତ୍ତୀ ୫ଶହ ମିଟର ବ୍ୟାସର୍ଦ୍ଧ ପରିମିତ ବିଜେ ଇଛାପୁର, ସମଗ୍ର ରଥଦାଣ୍ଡ ଏବଂ ମାଉସୀମା ମନ୍ଦିର ପରିସୀମା ଅଞ୍ଚଳରେ ଜାନୁଆରୀମାସ ୧୨ତାରିଖ ରାତି ୯ଟା ଠାରୁ ଜାନୁଆରୀମାସ ୧୫ତାରିଖ ସକାଳ ୯ଟା ପର୍ଯ୍ୟନ୍ତ ୧୪୪ଧାରା ଲାଗୁ କରାଯାଇଛି । ମକର ସଂକ୍ରାନ୍ତୀ ଉପଲକ୍ଷେ ଶ୍ରୀବଳଦେବଜୀଉଙ୍କ ମନ୍ଦିର ପରିସର ଓ ଏହାର ନିକଟବର୍ତ୍ତୀ ଅଞ୍ଚଳରେ କେବଳ ସେବାୟତ ଓ ନିଯୁକ୍ତ ସରକାରୀ କର୍ମଚାରୀମାନଙ୍କ ବ୍ୟତିତ କୌଣସି ଶ୍ରଦ୍ଧାଳୁ ଏବଂ ଜନସାଧାରଣଙ୍କ ସମାଗମକୁ ବାରଣ କରାଯାଇଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କୋଭିଡ-୧୯କୁ ଏକ ମହାମାରୀ ଭାବେ ଘୋଷଣା କରିଥିବାରୁ ଏବଂ ଓଡିଶା ସରକାର ଏହାକୁ ରାଜ୍ୟ ବିପତ୍ତି ଭାବେ ଘୋଷଣା କରିଥିବାରୁ ସର୍ବସାଧାରଣ ସ୍ଥାନରେ ଜନସମାଗମକୁ ପ୍ରତିହତ କରିବା ପାଇଁ ବିଶେଷ କରି ମକରସଂକ୍ରାନ୍ତୀକୁ ଆଖି ଆଗରେ ରଖି କେନ୍ଦ୍ରାପଡା ଉପଜିଲ୍ଲାପାଳ ନିରଞ୍ଜନ ବେହେରା ଫୌଜଦାରୀ ପ୍ରକ୍ରିୟା ସଂହିତା ଅନୁଯାଇ ୧୪୪ଧାରା ଲାଗୁ କରିବା ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି ।

## ୭୩ତମ ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି ବୈଠକ




ବାଙ୍କୀ,(ପି.ଏନ): ବାଙ୍କୀରେ ଉପଖଣ୍ଡସ୍ତରୀୟ ୭୩ତମ ସାଧାରଣତନ୍ତ୍ର ଦିବସ କରୋନା କଟକଣା ମଧରେ ପାଳନ ପାଇଁ ବାଙ୍କୀ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସର୍ବପ୍ରଥମେ ସୂଚନା ଓ ଲୋକସଂପର୍କ ଅଧିକାରୀ କାଳିଚରଣ ତ୍ରିପାଠୀ ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସ କଚେରୀ ପଡିଆ ଠାରେ ୮ଟା ୪୫ମିନିଟ୍ ସମୟରେ ବାଙ୍କୀ ଉପଜିଲ୍ଲାପାଳ ରଞ୍ଜନ କୁମାର ଜେନା ଆନୁଷ୍ଠାନିକ ଭାବେ ଜାତୀୟ ପତାକାକୁ ଉତ୍ତୋଳନ କରିବା ସହ ବାଙ୍କୀ ପୋଲିସ୍ତ ବିଭାଗ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯିବା ସହ ପ୍ରାତଃ ୪ଟା ୩୦ମିନିଟ୍‌ରେ ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୁଲ୍ୟରେ ସହର ମଧରେ ଡାକବାଜୀ ଯନ୍ତ୍ର ଦ୍ୱାରା ରାମଧ୍ୱନୀ ପ୍ରଚାର କରାଯିବ ତତ୍ ସହିତ ସକାଳ ୭ଘଟିକା ସମୟରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିକୁ ମାଲ୍ୟର୍ପଣ କରାଯିବା ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା । କରୋନା ମହାମାରୀ ଦୀର୍ଘ ଦୁଇବର୍ଷ ଧରି ତାର କରାଳ ରୂପ ଦେଖେଇ ଚାଲିଥିବା ବେଳେ ଏଥିରେ କରୋନା ଯୋଦ୍ଧା ଭାବରେ ଡାକ୍ତର, ନର୍ସ, ପୋଲିସ୍ , ଆଶାକର୍ମଚାରୀ, ଅଙ୍ଗନୱାଡି କର୍ମଚାରୀ ଓ ସଫେଇ କର୍ମଚାରୀଙ୍କୁ ଉପଖଣ୍ଡ ତରଫରୁ କରୋନା ଯୋଦ୍ଧା ସମ୍ମାନରେ ସମ୍ମାନୀତ କରାଯିବାପାଇଁ ବୈଠକରେ ସ୍ଥିର କରାଯାଇଥିଲା । ଏହି ପ୍ରସ୍ତୁତି ବୈଠକରେ ବାଙ୍କୀ ସବ୍ ଜେଲ୍ ସୁପରିଟେଡେଣ୍ଟ ଅଶୋକ କୁମାର ବେହେରା, ଉପଖଣ୍ଡ ଚିକିତ୍ସାଳୟର ପରିଚାଳକ ଶଶିକାନ୍ତ ମିଶ୍ର, ସମସ୍ତ ଗଣମାଧମର ପ୍ରତିନିଧି, ଶିକ୍ଷକ ଶିକ୍ଷୟିତ୍ରୀ ବୈଠକରେ ଅଂଶ ଗ୍ରହଣ କରିଥିଲେ । ପରିଶେଷରେ ବାଙ୍କୀ ତହସିଲଦାର ସତ୍ୟରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray